## ଆସୁଛେ ବଡ଼୍‌ଖା ତିହାର୍ 'ନୂଆଁଖାଇ'

# 'ନୂଆଁଖାଇ'ର୍ ମହକ୍ ଥି ମହକୁଛେ ଗାଁ ନୁ ସହର୍

**ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ**



କେନ୍‌ସି ଭି ଦେଶର ସବୁନୁ ବଡ଼ ସଂପଦ ତା'ର ଲୋକ ସାଧାରନ୍ । ଇ' ଲୋକ୍ ସଁପଦର ବଡ଼୍‌ତି କାଜେ ବାକି ଯେତେ ବେବସ୍ଥାର ଉନ୍‌ମତି ଚାହି । କେନ୍ ବଏଦିକ୍ ଯୁଗେ ଆମର ମୁନିରଷିମାନେ ଇ' ସତ୍ ଉପ୍‌ରେ ଉଧେଇ କରି, ତାକର ଭାବ ଆରୁ ଚେତନା ମାନ୍‌କୁ ଅଲପ୍ ଅଲପ୍ ଶବଦ୍ ଭିତ୍‌ରେ ଛୁଁଚି ଦେଇଛନ୍ । ବିନ୍ଦୁ ଭିତ୍‌ରେ ସିନ୍ଧୁ କେ ବାନ୍ଧି ରଖିଛନ । କାକର ବୁନ୍ଦା ଥି ସରଗ୍ ଦର୍‌ଶନ କଲା ବାଗିର୍ । ପ୍ରକୃତି କେ ତିଖ୍‌ରେଇ ତିଖ୍‌ରେଇ କରି ଦେଖିଛନ୍ । ବିଧାତାର ବିଶ୍ୱ ପରିବାର ଚଲାବାର ନୀତି ନିଅମ୍ କେ ହେଜିଛନ୍ । ମାଏଟ୍ ମାଆଁ, ସୂରୁଜ୍ ଦେବ୍‌ତା, ଇନ୍ଦର୍ ରଜା, ପବନ୍ ଦେବ୍‌ତା ଆରୁ ମୁଡ଼୍ ଉପ୍‌ରର୍ ସରଗ୍ ଛତ୍‌ରି, ପୁର୍‌ଥୀର ଜୀବ ଆରୁ ଜଡ଼୍ ଜଗତ୍‌କେ ପୁଟ୍‌ଲେଇ କରି ଧରିଥିବାର ସତର ସନ୍ଧାନ କରିଛନ୍ । ଇ' ସତ୍‌କେ ବଖାନିଛନ୍ ମନ୍ତର ମାନ୍‌କର୍ ଭିତ୍‌ରେ – ସଭେ ସୁଖେ ରହୁନ୍, ନିରୋଗ ରହୁନ୍, କେନ୍‌ସି ଭି ଦୁଃଖ୍ ଦୁର୍‌ଦଶାର ଦଲ୍‌ଦଲିଥି ନେଇଁ ପଡ଼ିକରି, ଉଲେଦୁଲେ ବଁଚିଥଉନ୍ । ସୁରୁଷ୍ଟିର କୁଶଲ ମଙ୍ଗଲ କାଜେ, ମାହାପୁରୁ ସବୁନୁ ଯହ ଅକଲ ଉହାଟ ଖଯେଇ କରି, ମନପସନ୍ଦ ରଙ୍ଗ ରସ ମଖେଇ କରି ଗଢ଼ିଥିବାର ମୁନୁଷ୍ ପୁତ୍‌ଲା କେ ଭିଲ୍ ଚେତେଇ ଦେଇଛନ – ଚାର୍‌ହିକୁତି ତୋର୍ ଲାଗି ଅମ୍‌ରୁତ୍ ଛିଁଚିଛେଁ ପୁତା, ତାକେ ତୁଇ ଭୋଗ୍ କର୍‌ବୁ ଆରୁ ତୋର୍ ମେତାନ୍ ଭୋଗ୍ କର୍‌ବାର ମଉକା ଦୁସ୍‌ରା ମାନ୍‌କୁ ବି ଦେବୁ ।

ପୁଥୀ ପୁରାନର୍ ଇ' ନିର୍‌ଦେଶ କେ ତଉଲି ଲେ, ସାମ୍ୟବାଦୀ- ସମାଜବାଦୀ ଦର୍‌ଶନ ଆମର ଦେଶୁ ନ ବିଦେଶ କେ ଯେଇଛେ ଆରୁ ସେଠାନର୍ ରଙ୍ଗ ରସ୍, ମସ୍‌ଲା ଥି ଆଉଟା ହେଇକରି ଆମର୍‌ଟା ଆମର୍ ନିକେ ଫିରିଛେ ବଲି କହି ପାର୍‌ମା । ସମିହାର ଚଲନ୍ ସାଙ୍ଗେ, ପୁର୍‌ବାପାତିନୁଁ ବୁହି ଆଉଥିବାର ଇ' ଧାର, ସଁକ୍‌ରି ଯଉଥିଲେ ଭିଲ୍ ବିଲ୍‌କୁଲ୍ ଟୁଟ୍‌କି ନେଇ ଯିବାର୍ । ଇ' ପରମ୍ପରାର୍ ବନିହାନ୍ ଝଲକ୍ ଆମର ଲୋକ୍ ପରବ୍ 'ନୂଆଁଖାଇ' ନ ଫଟିକ୍ ବାରି ହେସି ।

ପୁରାନ୍ ଶାସ୍‌ତର୍‌ଥି ଦକ୍ଷିଣ କୋଶଲ ବଲି ଚିହ୍ନୋଟ୍ ହେଇଥିବାର ବାହି ଭିତ୍‌ରେ, ଆମର୍ ପଶ୍‌ଚିମ୍ ଉଡ଼୍‌ଶାର ଏଗାରଟା ଜିଲ୍ଲା ସାଂଗେ ଛତିଶଗଡ଼୍ ଆରୁ ଝାର୍‌ଖଁଡ଼ର ଥୁଡ଼େ ଥୁଡ଼େ ଇଲାକା ରହିଛେ । ନୂଆଁଖାଇ ଆରୁ ଏକା ବର୍‌ଗିଆ ପୁଷ୍‌ପୁନି ତିହାର ଇ' ଜାଗାମାନ୍‌କୁ ପାଲନ୍ କରାହେସି । 'ନୂଆଁଖାଇ' ମେଲ୍ ମେଶାନ୍‌ର ପରବ୍ । ଧର୍‌ନୀ ମାଁ ନୂଆଁ ଅରନ୍ ଦେସି । ଇଥି, ଜୀବଜଗତ୍‌କେ ପାଲିପୁଷି କରି ସୁରୁଷ୍ଟି କେ ସଁଭାଲି କରି ରଖିବାର ଧର୍‌ତୀ ମାଁର ପ୍ରତିଶ୍ରୁତି ଥିସି । ପ୍ରକୃତିର ଇ' ଅନୁଶାସନ ଜୀଇଁବା ଖାଏବାର କେତ୍‌ନି କେତେ ଆଶା ଭର୍‌ସା ଭରି ଦେସି । ଇ' ଥିତି କେ ଉଷତ୍ ଉସ୍‌ନାକ୍ କେ, ଗହକି ସଉକି ଥି ପର୍‌ଘଟ କର୍‌ସନ୍ ପଶ୍‌ଚିମ୍ ଉଡ଼୍‌ଶା ଆରୁ ଗୁଟାମୁଟା କୋଶଲବାହିର୍ ଲୁକେ 'ନୂଆଁଖାଇ' ପରବ୍ ପାଲି କରି ।

ଆମର ଦେ'ଦେବ୍‌ତୀର ଛତର୍ ଛଏଁରା ତଲେ, ଉଲେଦୁଲେ, ଲାଡ଼େଗେଲେ, ଉଷତ୍ ଉସ୍‌ନାକେ ମେଶିଗୁଲି କରି ରହେବାର୍ ଚଲନ୍, ପହେଲା ସୁରୁ ପରମ୍ପରାର ରୂପ ନେଇକରି ମୂଲ୍ ହେଇଛେ ଡଙ୍ଗର୍ ପର୍‌ବତେ ଲୁଖ୍‌ରା ଜୀବନ ଜୀଉଁଥିବାର ଅମ୍‌ରୁତର୍ ସନ୍ତାନ ମାନଖର୍ ଅକଲ୍ ଉହାଟୁ । ଠିକ୍ କେଭୁଁ, କେନ୍‌ଠାନୁ କହେବାରଟା ସହଜ୍ ନୁହେଁ । ନଏଦ୍ ଝର୍‌ନା ତ' ଉଁଚା ଠାନୁ ନୀଚାକେ ଡେଗି ଉଧ୍‌ଲି କରି ଚହଲି ଆଏସି । ସୁରୁଷ୍ଟିର୍ ଇ' ନିଅମ୍‌କେ ଅନ୍‌ସରି କରି, ପିଛ୍‌ଲା ବର୍‌ଗର ଭାବ୍‌ସଂପଦନୁ ଜନମ ହେଇଥିବାର ଇ ଲୋକ ପରବ, ଶିକ୍ଷା ସଭ୍ୟତାର ଉଜଲା, ସପାଟ୍ ଭୂଇଁ କେ ଉତୁରି ଆଇଛେ । ଇନର୍ ମହାନ୍ ପରମ୍ପରା ସାଂଗେ ସାମିଲ୍ ହେଇଛେ । ଇ' ମେଲ୍‌ମେଶାନ୍, ଦିଆନିଆ ଭିତ୍‌ରେ 'ନୂଆଁଖାଇ'ର ମୂଲରୂପ ବନିହାନ ବଦଲିଛେ – ବଦ୍‌ଲି ବଦ୍‌ଲି ଯଉଛେ ବି ସମିହାର ଚଲନ୍ ସାଁଗେ । ତ, ସମାଜ ବଏକୁଁଠର୍ ସପନ୍‌କେ ସତର୍ ବସ୍‌ତର, ଆଏ ଅଲଁକାର ପିନ୍ଧାବାର ଚଲନ ସେନ୍‌ତା ରହିଛେ । ମୁଟାମୁଟି ହିସାବ୍ କଲେ, ସୁଖ-ଶାନ୍ତି- ଆନନ୍ଦମଏ ଜୀବନ ଧାରର୍ ସପନ୍ ଛଁଚିଥନ୍ ଇଥି ଆମର ପୂରୁବ୍ ପୁରୁଷମାନେ । ଆଏବାଦି ନେ, ଉଷତ୍ ଉସ୍‌ନାକ୍ ଆରୁ ଆରୁ ପର୍‌ଘଟ ହଉ ଲୋକପରବ 'ନୂଆଁଖାଇ' ପରବ୍ ଭିତ୍‌ରେ । ଇ' ମଉକା ଥି ଆମର ଦେ'ଦେବ୍‌ତୀର୍ ନେ ଏତ୍‌କି ଗୁହାରୀ ।



## ସଂପାଦକୀୟ

# ସ୍ୱଚ୍ଛ ଭାରତ...ଏକ୍ ନଜର୍

ସ୍ୱଚ୍ଛ ଭାରତ ଅଭିଯାନ କଥା ସମସ୍ତେ ଜାଣି ସାରିଛନ୍ତି, ବୁଝି ସାରିଛନ୍ତି ବି । ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗମ୍ଭୀର ଆହ୍ୱାନ ସାରା ଦେଶରେ ଜାଗରଣ ସୃଷ୍ଟି କରି ପାରିଛି, ଏଥିରେ ଦ୍ୱିମତ ହେବାର କିଛି ନାହିଁ । ଦେଶର ସ୍ୱଚ୍ଛତା ପାଇଁ କେବଳ ପ୍ରଧାନମନ୍ତ୍ରୀ ଚାହିଁଲେ ସଫଳତା ହୁଏତ ମିଳି ନପାରେ, ଏଥିପାଇଁ ସାରା ଭାରତବାସୀଙ୍କ ମାନସିକତାର ଆବଶ୍ୟକତାର ରହିଛି । ସ୍ୱଚ୍ଛତା ପ୍ରତି ଲୋକଙ୍କ ଆକର୍ଷଣ ହିଁ ଏହି ନାରାକୁ ସଫଳ କରିପାରିବ, ଏଥିରେ ସଂଦେହ ନାହିଁ । କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ଶୀର୍ଷ ସ୍ଥାନୀୟ ପ୍ରଶାସନିକ ସ୍ତରରେ ମଧ୍ୟ ଏବେ ସ୍ୱଚ୍ଛ ଭାରତର ନାରା ବେଶ୍ ସ୍ପଷ୍ଟ । ଏହି ନାରାକୁ ସ୍ୱୟଂ ସଂପୂର୍ଣ୍ଣ କରିବା ଦିଗରେ ସମଗ୍ର ଭାରତବାସୀ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । କେବଳ ଗଣମାଧ୍ୟମରେ ଆସିବା ନିମନ୍ତେ ସ୍ୱଚ୍ଛ ଭାରତର ନାଁ ନେଇ ଦିନେ ଅଧେ ସଫେଇ କାର୍ଯ୍ୟରେ ସାମିଲ୍ ହେଲେ, କାମ ଚଳିବ ନାହିଁ । ଏଥିପାଇଁ ନିରନ୍ତର ସଚେତନତା ଆବଶ୍ୟକ । ଦେଶର ପ୍ରତ୍ୟେକ ଗଳି କନ୍ଦିରେ, ଜନବସତିରେ ରହିଥିବା ଅଳିଆ ଆବର୍ଜନାକୁ ହଟେଇବାକୁ ହେଲେ ନିରନ୍ତରତାର ଆବଶ୍ୟକ ରହିଛି । ଏଥିପ୍ରତି ସମସ୍ତେ ବ୍ରତୀ ହେବା ଅତ୍ୟନ୍ତ ଆବଶ୍ୟକ ।

ଦେଶକୁ ଭ୍ରଷ୍ଟାଚାରରୁ ମୁକ୍ତ କରିବାକୁ ହେଲେ, ଅଳିଆ ଆବର୍ଜନାଠାରୁ ବଂଚାଇବାକୁ ହେଲେ, କୁସଂସ୍କାରଠାରୁ ରକ୍ଷା କରିବାକୁ ହେଲେ, ଅଶିକ୍ଷାଠାରୁ ଉଦ୍ଧାର କରିବାକୁ ହେଲେ ସମାଜର ପ୍ରତ୍ୟେକ ସ୍ତରରେ ବଳିଷ୍ଠ ପଦକ୍ଷେପର ଆବଶ୍ୟକତା ରହିଛି । କେବଳ ସରକାରୀ କଳ ଉପରେ ଦୋଷ ଲଦି ଦେଇ ନିଜ ଉପରୁ ଦୋଷ ହଟେଇ ନେଲେ ସ୍ୱଚ୍ଛତା ଆସିବ ନାହିଁ । ସ୍ୱଚ୍ଛତା ଆଣିବା ନିମନ୍ତେ ପ୍ରତ୍ୟେକ ସ୍ତରରେ ଉଚିତ ପଦକ୍ଷେପ ନେବା ଅତ୍ୟନ୍ତ ଆବଶ୍ୟକ ।

ଏହା ନିରାଟ ସତ୍ୟ ଯେ, ସ୍ୱଚ୍ଛାତା ଆମ ଦେଶକୁ ସମୃଦ୍ଧି ଆଣି ଦେଇପାରିବ । ସ୍ୱଚ୍ଛତା ହିଁ ଦେଶରେ ଆରୋଗ୍ୟ ମଧ୍ୟ ଆଣି ଦେଇପାରିବ, ସାମୂହିକ ଭାବରେ ସୁସ୍ଥତା ଆଣିଦେଇ ପାରିବ । ସ୍ୱଚ୍ଛତାକୁ ସମସ୍ତେ ମୂଳ ମନ୍ତ୍ର କରିବା ଆଜିର ଆହ୍ୱାନ ହେବା ନିହାତି ଆବଶ୍ୟକ ।

ଆସନ୍ତୁ ସଭିଏଁ ମିଶି ସ୍ୱଚ୍ଛତାକୁ ଆପଣେଇବା । ସ୍ୱଚ୍ଛ ଭାରତ ପାଇଁ ଏକ ସ୍ୱଚ୍ଛ ସ୍ୱପ୍ନ ଦେଖିବା । ଦେଖିବେ, ଦେଶ ନିଶ୍ଚୟ ହସି ଉଠିବ..... !!

## ବ୍ରିସ୍କା ତରଫରୁ ଗୁରୁ ଦିବସ ଅନୁଷ୍ଠିତ : ଗୁରୁ ଜ୍ୟୋତିଙ୍କୁ ମନେ ପକାଇଲେ ଛାତ୍ରଛାତ୍ରୀ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ବ୍ରିସ୍କା ଅନୁଷ୍ଠାନରେ ଆଜି ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ କରୋନାରେ ପ୍ରାଣ ହରାଇଥିବା ପୂର୍ବତନ ଗୁରୁ ଜ୍ୟୋତି ପାଣୀଗ୍ରାହୀଙ୍କୁ ମନେ ପକାଇବା ସହ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରୁ ଦୀପ ପ୍ରଜ୍ୱଳନ କରି ଗୁରୁଗାନ କରାଯାଇଥିଲା । ପରେ ପରେ କାର୍ଯ୍ୟକ୍ରମରେ ବିଜେବି କଲେଜର ପୂର୍ବତନ ପ୍ରାଧ୍ୟାପକ ଦେବେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ରୁପେ ଯୋଗ ଦେଇ ଗୁରୁ ମହିମା ଉପରେ ବକ୍ତବ୍ୟ ଦେବା ସହ ଗୁରୁ ଶିଷ୍ୟ ପରମ୍ପରା ଓ ଆଜିର ସମୟରେ ଏହାର ପ୍ରାସଙ୍ଗିକତା ଉପରେ ଅଲୋକପାତ କରିଥିଲେ । ସେହିପରି କୁଟୁମଡୋଲା କଲେଜର ଅଧାପକ ସୁରେଶ ଷଡଙ୍ଗି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଗୁରୁ ଦିବସ ଓ ଏହାର ପାଳନ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଏକ ଉତ୍କୃଷ୍ଟ ସମାଜ ଗଠନ ପାଇଁ ଗୁରୁ ଶିଷ୍ୟ ପରମ୍ପରା ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଗବେଷକ ପ୍ରକାଶ ମହାପାତ୍ର, ନିର୍ଦ୍ଦେଶକ ସଙ୍ଗିତା ଦାଶ ତଥା ଜ୍ଞାନବିହାର ସ୍କୁଲ ଅଧାପକ ସୁରେନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନିଜସ୍ୱ ମତ ପ୍ରଦାନ କରିଥିଲେ । ସିପ୍ରା ଠାକୁର ଓ ରିତିକା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ।

## ଭଟଲି ଦଧିବାମନ କଲେଜର ୧୧ ଜଣ ଛାତ୍ରଛାତ୍ରୀ ୟୁନିଭର୍ସିଟି ଟପ୍ପର



ପଦ୍ମପୁର, (ନିପ୍ର) : ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ବିଭିନ୍ନ ବିଷୟ ସମ୍ମାନରେ ଭଟଲି ଦଧିବାମନ ମହା ବିଦ୍ୟାଳୟର ୧୧ ଜଣ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି । ଏଥିପାଇଁ କଲେଜରେ ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ ଓ ଛାତ୍ରଛତ୍ରୀମାନଙ୍କ ଗହଣରେ ଖୁସିର ମାହୋଲ୍ ଦେଖିବାକୁ ମିଳିଛି । ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଫଳାଫଳ ଅନୁଯାୟୀ ଶିକ୍ଷା ବିଭାଗରେ ବବିତା ବାରିକ ଓ ଶର୍ମିଷ୍ଠା ନାୟକ ଯଥାକ୍ରମେ ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିବା ବେଳେ ଇତିହାସ ସମ୍ମାନରେ ପ୍ରଣତି ଦାଶ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ରାଜନୀତି ବିଜ୍ଞାନରେ ଚନ୍ଦନ ଭୁଏ ଦ୍ୱିତୀୟ, ଝରଣା ନାୟକ ତୃତୀୟ, କେତକୀ ମେହେର ଚତୁର୍ଥ ଓ ଜ୍ୟୋତି ପଟେଲ ଷଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ସଂସ୍କୃତ ସମ୍ମାନରେ ମିତା ସାହୁ ପଞ୍ଚମ, ସଙ୍ଗୀତା ସାହାଣୀ ଷଷ୍ଠ, ନମିତା ସାହୁ ଅଷ୍ଟମ ଓ ବର୍ଷାରାଣୀ ପଧାନ ଦଶମ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ କଲେଜ ପରିଚାଳନା କମିଟି ପକ୍ଷରୁ ଉକ୍ତ ଛାତ୍ରଛାତ୍ରୀମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ତୁରେକେଲା ଠାରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ



ତୁରେକେଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ତୁରେକେଲା ପ୍ରାଥମିକ ପ୍ରାଣୀ ଚିକିତ୍ସା କେନ୍ଦ୍ରଠାରେ ଆଜି ଏକ ୨୦୦୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାପାଳ ତଥା ବି.କେ.ଏନ୍ ଦୁଗ୍ଧ ସଂଘର ପ୍ରଶାସକ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ ।

ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପ-ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ତୁରେକେଲା ବିଡ଼ିଓ ମନୋରଂଜନ ପାଣିଗ୍ରାହୀ, ବଲାଙ୍ଗିର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦିଗାମ୍ବର ନାୟକ ଓ ବିକେଏନ୍ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ଡା.ସରୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ତୁରେକେଲା ଓ ବେଲପଡ଼ା ବ୍ଲକର ଦୁଗ୍ଧ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଦୁଗ୍ଧ ସଂଘ ଆଶା ପ୍ରକାଶ କରିଛନ୍ତି । ଏହି ଅଂଚଳର ଦୁଗ୍ଧ ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ବୋଲି ଜିଲ୍ଲାପାଳ ଶ୍ରୀ ରାଣା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ୮ ଗୋଟି ସମିତିର ଦୁଗ୍ଧ ଚାଷୀ, ସଂପାଦକ, ସଭାପତି, ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଏବଂ ଦୁଗ୍ଧ ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା କଳାକାର ସମନ୍ୱୟ ସମିତି ପକ୍ଷରୁ ଅନେକ ଦାବୀକୁ ନେଇ ପ୍ରସ୍ତୁତି ବୈଠକ



ଚୁଡ଼ାପାଲି, (ନିପ୍ର) : ଜିଲ୍ଲା କଳାକାର ସମନ୍ୱୟ ସମିତି ପକ୍ଷରୁ ଆଜି ସଦର ବ୍ଲକ ବଲାଙ୍ଗିର ଚୁଡାପାଲି ଜାଗନ୍ନାଥ ମନ୍ଦିର ପରିସରରେ ସମନ୍ୱୟ ସମିତିର ସଭାପତି ଗୁରୁଶ୍ରୀ ପରମାନନ୍ଦ ମାଝୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ନିଜର କଳା ଓ କଳାକାର ବିକାଶ ଦିଗରେ ସରକାର କିପରି ଅବହେଳା କରୁଛନ୍ତି, ସେ ଉପରେ ଆଲୋଚନା ହୋଇ ଏକ କ୍ଷୋଭ ପ୍ରକାଶର ମତ ଆସିଥିଲା । ଜିଲ୍ଲାର ପ୍ରାୟ ୭୦୦ କଳାକରଙ୍କୁ ଆଜି ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କାଳାକାର ସହାୟକ ଯୋଜନାରେ ସାମିଲ କରି ନିଜର କର୍ତ୍ତବ୍ୟ ସାରି ଦେଇଛନ୍ତି । ଏପଟେ ଜିଲ୍ଲାର ହଜାର ହଜାର ଯୋଗ୍ୟ କଳାକାର ସହାୟକ ଯୋଜନାରୁ ବଂଚିତ ଅଛନ୍ତି । ଜିଲ୍ଲାର ଶତ ପ୍ରତିଶତ କଳାକାର ଗରିବ ରେଖା ତଳେ ଜୀବନ ଜିଉଁଛନ୍ତି । ମୁଠାଏ ଦାନା, ଖଣ୍ଡିଏ କନା ପାଇଁ ସଂଘର୍ଷରତ । ଏବେ ପୁଣି କରୋନାର ମାଡ଼ ଦୁଃଖକୁ ଦ୍ୱିଗୁଣିତ କରିଦେଇଛି । ଶିଶୁଟିଏ ଜନ୍ମ ଠାରୁ ଶବାଧାର ପର୍ଯ୍ୟନ୍ତ କଳାକାରଙ୍କ ସର୍ବଦା ଲୋଡା ପଡିଥାଏ । ସର୍ବଦା ଲୋକଙ୍କୁ ମନୋରଂଜନ ଦେବା ସହିତ ସମାଜିକ ଶିକ୍ଷା ଦେଇ ଆସୁଛନ୍ତି କଳାକାର ସମୂହ । ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ନୃତ୍ୟ-ବାଦ୍ୟର ତାଳେ ତାଳେ ପ୍ରଚାର କରି ଆସୁଛନ୍ତି, ମାତ୍ର ସର୍ବଦା କଳାକାର ପ୍ରତି ରାଜ୍ୟ ସରକାର ହେୟ ମନୋଭାବ କରିଆସିଛନ୍ତି । ବର୍ତ୍ତମାନ ଆମ ଜିଲ୍ଲାରେ ମାତ୍ର ୧୧୪୬ଟି ସହାୟକ ଯୋଜନାରେ ସାମିଲ୍ ହେବାକୁ ସ୍ଥିର କରାଯାଇଛି, ଯାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ୍ୟ । ଜିଲ୍ଲାରେ ପ୍ରାୟ ୪୦ ହଜାର କଳାକାର ରହିଥିବା ବେଳେ ଏପ୍ରକାର ମନୋଭାବ କାହିଁକି ବୋଲି ପ୍ରଶ୍ନ ଉଠୁଛି । ତାହା ପୁଣି ଗତ ୨୦୧୮-୧୯ ବର୍ଷର ବଳକା ଭତ୍ତାକୁ ପ୍ରଦାନ କରିବାକୁ ସରକାର ନିଷ୍ପତି ନେଇଛନ୍ତି । ଗତ ବର୍ଷ ବ୍ଲକ କାଳାକାର ସଂସ୍କୃତି ସଂଘ ପକ୍ଷରୁ ଫର୍ମ ଆବେଦନରେ ବହୁତ କଳାକାରଙ୍କୁ ବାଦ୍ ଦିଆଯାଇଛି, ଯାହା ବଲାଙ୍ଗିର ସଦର ବ୍ଲକରୁ ମାତ୍ର ୨୫୭, ମୁନସିପାଲଟିରୁ ୧୪୧ ଓ ଲୋଇସିଂହା ବ୍ଲକରୁ ୪୪୧ ରହିଥିବା ନଜିର ରହିଛି । ଏହା ପ୍ରକୃତ ପକ୍ଷେ ଯଥେଷ୍ଟ ନୁହଁ । ହଜାର ହଜାର କଳାକାର ଗ୍ରାମ ମାନଙ୍କରେ ପଡି ରହିଛନ୍ତି । ଏପ୍ରକାର ଅନେକ ସମସ୍ୟା ନେଇ ଆଗାମୀ ୨୮ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ସଂପାଦକ ସତ୍ୟ ବନଛୋର, ପ୍ରମୋଦ କୁମାର ନାଏକ, ସୁଭାସ ପଧାନ, କିରଟି ସାହୁ, କଏଁରୁ ଚନ୍ଦନ, କ୍ଷମାନିଧି ବନଛୋର, ମହେନ୍ଦ୍ର ସିଂ ନିନା, ଶ୍ରୀରାମ ସା, ଶୋଭାବନ ଠେଲା, ମାନସୀ କୁମୁରା, ମହାଦେବ ପଟେଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ଆସୁଛେ ବଡ୍‌ଖା ତିହାର୍ ନୂଆଁଖାଇ : ସଫା ସୁତ୍‌ରା, ସଜ୍‌ବାଜ୍ ଥି ଲାଗିଗଲେନ୍' ଲୋକ୍

ବରଗଡ଼, (ନିପ୍ର) : କାହିଁ କେନ୍ ଯୁଗୁଁ ପଶ୍ଚିମ ଓଡ଼ିଶା ଥି ଘରେ ଘରେ ପାଳନ ହେଇ ଆସୁଛେ ନୂଆଁଖାଇ ପରବ୍ । ନୂଆଁଖାଇ ଆସିଗଲେ ପଶ୍ଚିମ ଓଡ଼ିଶା ଲାଗ୍‌ସି ଖୋବ୍ ନୂଆଁ ନୂଆଁ । ରାଗ୍ ରିସା, ବିଗଡ୍ ବାଗଡ୍, ଗାଲି ଝଗର୍ କେ ପଛେ ପକେଇ ଦେଇ ନୂଆଁଖାଇ କେ ବଡ଼ା ଶରଧା ଥି ପାଲନ୍ କରସନ୍ ଗାଁ ମାଁର୍ ଲୁକେ । ଯେ ଯେନ୍ ଠାନେ ଥିଲେ ବି କୁଟୁମ୍ ବଁଶିଆ ସଭେ ଗୁଟେ ଠାନେ ଠୋଲ୍ ହେସନ୍ । ଘରର ଶିଘା ଦେବୀ ଦେବ୍‌ତାର୍ ନେ ନୂଆଁକୁଁଡ଼ା ଲଗେଇ ନୂଆଁ ଅରନ୍ କେ ଟୁଁଡ଼େ ଦେସନ୍ ସଭେ । ପିଠାମଡ଼ା, ଜୁଖା ଜୁଗାର୍, ମନ୍‌ମନ୍‌ସା ଘରେ ଘରେ ବନାସନ୍ ଆର୍ ବଡ଼ା ଗହଗହ ମହମହ ହେଇ ନୂଆଁଖାଇ କେ ପାଲନ୍ କରସନ୍ । ଏନ୍‌ତା କି ନୂଆଁଖାଇର୍ ବାସି ଦିନ୍ କେ ଛାଡ୍‌ଖାଇ ହିସାବେ ବି ପାଲନ୍ କରାହେସି । ମାଛ, ଶିକାର୍ ଘର୍‌କେ ଘର୍ । ନୂଆଁଖାଇ ଜୁହାର୍ ଥି ଗାଁ ନୁଁ ସହର୍ ଉଠୁଥିସି ପଡୁଥିସି ।

ଆସୁଛେ ବଡ୍‌ଖା ତିହାର୍ ନୂଆଁଖାଇ । ଏଦେ ଆଏବାର୍ ୧୧ ତାରିଖ୍ ଦିନେ ଲଗନ୍ ଫିଟିଛେ । ନୂଆଁଖାଇର୍ ଲାଗି ଘର୍ ଦୁଆର୍ ସଫାସୁତର୍ କରି ପଶ୍ଚିମ୍ ଓଡ଼ିଶାବାସୀ ସଜ୍‌ବାଜ୍ ହେଲେନ୍' ।

# ଯୌତୁକ ଜନିତ ହତ୍ୟା ଅଭିଯୋଗ

କଂଟାବାଂଜି, (ନିପ୍ର) : ତୁରେକେଲା ଥାନା କନ୍ଦେଇ ପଂଚାୟତର ଟିକ୍ରାପଡାରେ ଜଣେ ବିବାହିତା ମହିଳାଙ୍କୁ ତାର ସ୍ୱାମୀ ଯୌତୁକ ଦାବୀ କରି ହତ୍ୟା କରିଥିବା ମହିଳାଙ୍କ ପରିବାର ତରଫରୁ ଅଭିଯୋଗ ହୋଇଛି । ତୁରେକେଲା ଥାନାରୁ ମିଳିଥିବା ସୂଚନା ଅନୁସାରେ ଏହି ଥାନାର ବାଂଜିପାଲି ଗାଁର ହଳଧର ମାଝିଙ୍କ ଝିଅ ପ୍ରେମଶିଳା ମାଝି(୨୨)ଙ୍କୁ ଟିକ୍ରାପଡା ଗାଁର ପ୍ରତାପ ମାଝି ନାମକ ବ୍ୟକ୍ତି ୨୦୨୦ ମସିହା ମେ' ମାସ ୮ ତାରିଖ ଦିନ ସାମାଜିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ସମସ୍ତ ଘରକରଣା ସାମଗ୍ରୀ, ସୁନାରୂପା ଓ ଦୁଇ ଚକିଆ ମୋଟର ସାଇକଲ ମଧ୍ୟ ଯୌତୁକ ଦେଇଥିଲେ ।

ବିଭିନ୍ନ ସମୟରେ ପ୍ରତାପ ଅଧିକ ଯୌତୁକ ଦାବୀ କରି ଗତ ତା୩/୯/୨୦୨୧ରେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଘରେ ରସି ଲଗାଇ ଝୁଲାଇ ଦେଇଥିବା ମୃତକର ଭାଇ ଗିରିଧାରି ମାଝି ଅଭିଯୋଗ କରିଛନ୍ତି । ତୁରେକେଲା ଥାନା କେସ ନଂ. ୧୫୮/୨୧ ତା.୦୪.୦୯.୨୦୨୧ ଦଫା ୪୯୮/୩୦୨/୩୪ ଆଇ.ପି.ସି. ରୁଜୁ କରି ଅଧିକ ତଦନ୍ତ ଜାରି କରୁଥିବା ତୁରେକେଲା ଥାନା ଆଇ.ଆଇ.ସି. କମଲ କିଶୋର ବେହେରାଙ୍କଠାରୁ ପ୍ରକାଶ ।

# ବଢୁଛି ନିଶା କାରବାର, କୁଚିଆ ମଦ ବେପାର

ଟିଟିଲାଗଡ଼, (ନିପ୍ର) : ସହର ତଥା ଆଖପାଖ ଅଂଚଳରେ ବଢ଼ି ଚାଲିଛି ନିଶା କାରବାର ସହ କୁଚିଆ ମଦ ବେପାର । ପ୍ରଶାସନର ଏଥିପ୍ରତି ନିଘା ନାହିଁ । ସେମିତିରେ ବଲାଙ୍ଗିର ଜିଲ୍ଲାରେ କଫ୍ ସିରପ୍ ବେପାର ଜୋର୍ ଧରିଥିବା ବିଭିନ୍ନ ସମୟରେ ଘନ ଘନ ଧରାପଡୁଥିବା ଅଭିଯୁକ୍ତ ମାନଙ୍କଠାରୁ ଅନୁମାନ କରାଯାଇପାରେ । ତା' ଉପରେ କୁଚିଆ ମଦ ବେପାର ଗଳିକୁ ଗଳି ବଢ଼ିବାରେ ଲାଗିଛି । ଏହାଫଳରେ ସମାଜରେ ଯୁବବର୍ଗ ପଥଭ୍ରଷ୍ଟ ହେଉଥିବା ବେଳେ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନରହିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ ଯେ, କରୋନା ସଂକ୍ରମଣର ଶୀର୍ଷ ସମୟରେ କୁଚିଆ ମଦ ବେପାରୀ ତଥା ନିଶା କାରବାରରେ ସଂଶ୍ଳିଷ୍ଟ ଅସାଧୁ ବ୍ୟକ୍ତିମାନେ ମାଲେମାଲ୍ ହୋଇ ଯାଇଥିବା ସାଧାରଣରେ ଆଲୋଚନା ଜୋର୍ ଧରିଛି । ତେବେ ଏସବୁ ଦିଗକୁ ନଜର୍ ଦେଇ ଅବକାରୀ ବିଭାଗ ତଥା ପୋଲିସ ବିଭାଗ ତତ୍ପରତା ସହ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।


ସମସ୍ତ ଦେଶବାସୀଙ୍କୁ

୭୫ତମ ସାଧୀନତା ଦିବସ


Azadi Ka Amrit Mahotsav

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

ସାଧୀନତା ଦିବସର
ହାର୍ଦ୍ଦିକ ଶୁଭକାମନା

ଜୟ ହିନ୍ଦ

"ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ କୋଟି କୋଟି ଭାରତବାସୀଙ୍କ ପାଇଁ ଏକ ପର୍ବ । ଏଥିରେ ସମଗ୍ର ଭାରତର ପରମ୍ପରା ଏବଂ ସ୍ୱାଧୀନତା ସଂଗ୍ରାମର ପ୍ରତିଫଳନ ରହିଛି ଓ ସ୍ୱାଧୀନ ଭାରତକୁ ଗୌରବାନ୍ୱିତ କରୁଥିବା ବିକାଶ ଯାତ୍ରା ମଧ୍ୟ ରହିଛି । ଏହି ଆୟୋଜନ ଆମର ୭୫ ବର୍ଷର ଉପଲବ୍ଧିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ଏବଂ ଆସନ୍ତା ୨୫ ବର୍ଷ ପାଇଁ ବିକାଶର ରୂପରେଖ ଓ ସଂକଳ୍ପ ଲାଗି ପ୍ରେରଣା ନେବାର ଅବସର ଅଟେ ।"
- ନରେନ୍ଦ୍ର ମୋଦୀ



davp 22201/13/0013/2122

କୋଣ ଅନୁକୋଣରେ,
ପ୍ରତିଟି ସ୍ପନ୍ଦନରେ... ପ୍ରଥମେ ରାଷ୍ଟ୍ର

ଲାଲକିଲ୍ଲାର ପ୍ରାଚୀରରୁ ସ୍ୱାଧୀନତା ଦିବସ ସମାରୋହ ସକାଳ ୬ଟା ୨୫ ଠାରୁ ଦୂରଦର୍ଶନରେ ସିଧା ପ୍ରସାରଣ

#AmritMahotsav
କ୍ୟୁଆର କୋଡକୁ ସ୍କାନ କରନ୍ତୁ ଓ ଆଜାଦୀ କା ଅମୃତ ମହୋତ୍ସବରେ ସାମିଲ୍ ହୁଅନ୍ତୁ

# ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ : ସ୍ୱର୍ଣ୍ଣ ଜୟନ୍ତୀ ପୂର୍ବରୁ କାର୍ଯ୍ୟକ୍ଷେତ୍ରରେ ବିସ୍ତାର କରାଯିବ



ବଲାଙ୍ଗିର, (ନିପ୍ର) : ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ସ୍ଥାପନର ୫୦ ବର୍ଷ ପୂର୍ତ୍ତି କରୁଛି । ସ୍ୱର୍ଣ୍ଣ ଜୟନ୍ତୀ ପୂର୍ବରୁ ଏହାର କାର୍ଯ୍ୟକ୍ଷେତ୍ରକୁ ବିସ୍ତାରିତ କରି ବଲାଙ୍ଗିର ଜିଲ୍ଲାର ତହସିଲ ଏବଂ ପଂଚାୟତ ସ୍ତରକୁ କାର୍ଯ୍ୟକର୍ତ୍ତା ନିର୍ମାଣ କରାଯିବାକୁ ଆଜି ବଲାଙ୍ଗିର ଆର୍ଯ୍ୟ ସମାଜ ମନ୍ଦିର ଠାରେ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ବଲାଙ୍ଗିର ଶାଖା ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅସନ୍ତା ତିନି ମାସ ପାଇଁ ନୂତନ ସଭ୍ୟ ସଂଗ୍ରହ ଓ ପୁରାତନ ସଭ୍ୟଙ୍କର ନବିକରଣ ପ୍ରକ୍ରିୟା ଆରମ୍ଭ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଜିପିର ପୃଷ୍ଠ ପୋଷକ ମଗନଲାଲ ଅଗ୍ରୱାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଗଠନର କାର୍ଯ୍ୟକ୍ଷେତ୍ର ବିକାଶ କରିବା ସଙ୍ଗେ ସଙ୍ଗେ ଖାଉଟିମାନଙ୍କ ସୁରକ୍ଷା ଦିଗରେ କାର୍ଯ୍ୟକରିବା, ସମସ୍ୟାର ସମାଧାନ ଦିଗରେ ବିଭିନ୍ନ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ସୂଚନା ଅଧିକାର କର୍ମୀ ନିଳମଣୀ ଯୋଷୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଗ୍ରାହକ ପଂଚାୟତ ବିଭିନ୍ନ କାର୍ଯ୍ୟକୁ ସେ ପ୍ରଶଂସା କରି ଖାଉଟି ସୁରକ୍ଷା ଦିଗରେ ସୂଚନା ଅଧିକାର ମାଧ୍ୟମରେ ବିଭିନ୍ନ ଦିଗକୁ ସେ ବର୍ଣ୍ଣନା କରିଥିଲେ । ସୂଚନାର ଅଭାବରେ ଖାଉଟି ଅନେକ ସମୟରେ ଠକାମି ଶିକାର ହେଉଥିବା ବେଳେ, ସୂଚନା ଆଇନ ବଳରେ ଖାଉଟିର ଅଧିକାର ସାବ୍ୟସ୍ତ କରିପାରିବ ବୋଲି ସେ କହିଥିଲେ । ସଂଗଠନର ପ୍ରଚାର ପ୍ରସାର ପ୍ରମୁଖ ଇଂ. କିଶୋର ମୋହନ ମିଶ୍ର କୋଭିଡ୍ କାଳରେ ଭର୍ଚୁଏଲ୍ ମାଧ୍ୟମରେ ବିଭିନ୍ନ ବୈଠକ ହେଉଥିଲେ ମଧ୍ୟ ପରିଷଦ ପକ୍ଷରୁ ବିଭିନ୍ନ ସମସ୍ୟା ଉପରେ ସରକାରୀ କାର୍ଯ୍ୟକର୍ତ୍ତାମାନଙ୍କ ଦୃଷ୍ଟିକୁ ବିଭିନ୍ନ ସମସ୍ୟା ଅଣାଯାଇଛି ଏବଂ ଏ ଦିଗରେ ବିଭିନ୍ନ ସମାଧାନ ମଧ୍ୟ ହୋଇଛି ବୋଲି ବିବରଣୀ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ, ବଲାଙ୍ଗିର ଜିଲ୍ଲାରେ ଗ୍ୟାସ ସିଲିଣ୍ଡର ଯୋଗାଣରେ ଖାଉଟିକୁ ଅଧିକା ଟଙ୍କା ଦେବାକୁ ପଡୁଥିଲା, ଘରକୁ ଘର ଯୋଗାଣ ନାଁରେ ତାହାକୁ ବନ୍ଦ କରିବା ଦିଗରେ ସଂଗଠନ ପଦକ୍ଷେପ ନେଇଛି । କଂପାନୀ ସହିତ ପରାମର୍ଶ କରି ଦୁଇ ବର୍ଷ ହେଲା ଘରକୁ ଯୋଗାଣ ଖର୍ଚ୍ଚ ବିଲ ସହିତ ଖାଉଟି ଦେଉଥିଲେ ମଧ୍ୟ ଘରକୁ ଯୋଗାଣ ନାଁରେ ଅଧିକା ଟଙ୍କା ନେଉଥିବା ବନ୍ଦ ହୋଇଛି । ଯେଉଁ ଖାଉଟିମାନେ ଡିପୋକୁ ଯାଇ ସିଧାସଖଳ ଗ୍ୟାସ ନେବେ ସେମାନଙ୍କୁ ଡେଲିଭରି ଖର୍ଚ୍ଚ ଫେରସ୍ତ ଦେବାର ନିୟମ ଅଛି ବୋଲି କହିଥିଲେ ।

ବଲାଙ୍ଗିରର ବିଭିନ୍ନ ସମସ୍ୟା ଖାଉଟି ଭୋଗୁଥିବା ବିଭିନ୍ନ ଅସୁବିଧା ସଂପର୍କରେ ପଂଚାୟତର ଅଧାପକ ଜୟଚନ୍ଦ୍ର ସାହୁ, ଦୁର୍ଗା ପ୍ରସାଦ ହୋତା, ଲୋକନାଥ ପାତ୍ର, ଡା. ଗୋପାଳ ଚନ୍ଦ୍ର ମିଶ୍ର ଓ ଶ୍ରୀମତୀ ରଂଜିତା ମିଶ୍ର ଆଲୋକପାତ କରିଥିଲେ ଏବଂ ଏହାର ସମାଧାନ ଦିଗରେ ପରିଷଦ ପକ୍ଷରୁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥିଙ୍କ ଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମାଳତି ଉଦ୍‌ଗାତା ସଂଗଠନ ମନ୍ତ୍ର ପାଠ କରିଥିବା ବେଳେ ଶେଷରେ କୁସୁମ ଶତପଥି ଶାନ୍ତିପାଠ କରିଥିଲେ । ଏହି ଅବସରରେ ଶ୍ରୀ ଅଗ୍ରୱାଲ ସଂଗଠନର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ । ବିଭିନ୍ନ ଦାୟତ୍ୱରେ ସଭାପତି ଗୋପବନ୍ଧୁ ଶତପଥୀ, ଉପସଭାପତି ମହେଶ୍ୱର ସାହୁ, ସଂପାଦକ ଅଶୋକ କୁମାର ମିଶ୍ର, ସହସଂପାଦକ ମାଳତି ଉଦ୍‌ଗାତା, କୋଷାଧ୍ୟକ୍ଷ ନବକୃଷ୍ଣ ପଟେଲ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ବିଶ୍ୱନାଥ ତ୍ରିପାଠୀ, ଦୁର୍ଗା ପ୍ରସାଦ ହୋତା, ଗୋବର୍ଦ୍ଧନ ପାଣ୍ଡିଆ, ଜୟଚନ୍ଦ୍ର ସାହୁ, ବିଣାପାଣି ଆଚାର୍ଯ୍ୟ, ରଂଜିତା ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ସଂପାଦକ ଶ୍ରୀ ମିଶ୍ର ଶେଷରେ ସମସ୍ତଙ୍କର ସହଯୋଗ କାମନା କରି ତାଙ୍କୁ ଦିଆଯାଇଥିବା ଦାୟିତ୍ୱ ଯେପରି ସେ ସୂଚନା ରୂପେ ତୁଳାଇ ପାରିବେ ସେ ଦିଗରେ ସହଯୋଗ କାମନା କରି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କବି ହେମନ୍ତ ଦାଶ ସମ୍ମାନୀତ




ତୁଷୁରା, (ନିପ୍ର) : ଦୈନିକ ଖବର କାଗଜ ସମ୍ବାଦ ପକ୍ଷରୁ ଆୟୋଜିତ "ମାତୃ ଦିବସ" ସନ୍ଦେଶ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ତୋଷରାର ଆଶୁକବି ହେମନ୍ତ ଦାଶ ବିଜେତା ହୋଇଛନ୍ତି । ତାଙ୍କୁ ସମ୍ବାଦ ପକ୍ଷରୁ ଏକ ରୌପ୍ୟ ମୁଦ୍ରା ପୁରସ୍କାର ସ୍ୱରୂପ ଭେଟି ଦେଇଛନ୍ତି । ତୁଷୁରାର ସମ୍ବାଦ ପ୍ରତିନିଧି ସୁନିଲ ଜୈନ ଉକ୍ତ ପୁରସ୍କାର ରାଶି ଶ୍ରୀ ଦାଶଙ୍କୁ ପ୍ରଦାନ କରିଛନ୍ତି । ଏଇ ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ଓ ଶ୍ରୀ ଦାଶଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ସଇଁନ୍ତଲା ବଣିକ ସଂଘ ପକ୍ଷରୁ ସଚେତନତା କରିବା ସହ ମାସ୍କ ବଣ୍ଟନ



ସଇଁନ୍ତଲା, (ନିପ୍ର) : କରୋନା ମାହାମାରୀରକୁ ହରାଇବାକୁ ହେଲେ ସଚେତନତା ନିହାତି ଆବଶ୍ୟକ । ବର୍ତ୍ତମାନ କରୋନା ମହାମାରୀର ଦ୍ୱିତୀୟ ଲହର ଯାଇନଥିବା ବେଳେ କରୋନାର ତୃତୀୟ ଲହର ଆସୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଲାଣି । ତେବେ ଏଭଳି ପରିସ୍ଥିତିରେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ବଣିକ ସଂଘ ପକ୍ଷରୁ ସଇଁନ୍ତଲା ଥାନା ସମ୍ମୁଖରେ କରୋନାକୁ ନେଇ ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରିବା ସହ ସଚେତନ କରୁଥିବା ଦେଖିବାକୁ ମିଳିଛି । ବଣିକ ସଂଘର ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଉଛି ।

# ଜନ୍ମ ଦିନରେ ରକ୍ତଦାନ କଲେ ସିଆରପିଏଫ୍ ମଣ୍ଟୁ କରନ୍



ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ରାଏପାଲି ଗାଁର ସିଆରପିଏଫ୍ ମଣ୍ଟୁ କରନ୍ ନିଜର ଜନ୍ମ ଦିବସ ଅବସରରେ ବଲାଙ୍ଗିର ଭୀମ ଭୋଇ ମେଡିକାଲର ରକ୍ତ ଭଣ୍ଡାରରେ ରକ୍ତଦାନ କରି ଏକ ଅମୂଲ୍ୟ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଛନ୍ତି । ଏହି ସମୟରେ ରକ୍ତଦାତା ନିତ୍ୟାନନ୍ଦ ଷଡଙ୍ଗୀ, ଅବନୀ ସାହୁ, ସୁରେଶ କମ୍ପ, ଜୟଦେବ ଜାଲ, ଅଜିତ ଭୋଇ, ସ୍ୱାଧୀନ ମେହେର ରକ୍ତଦାନ କ୍ଷେତ୍ରରେ ଉତ୍ସାହ ପ୍ରଦାନ କରିଥିଲେ ।

# ପଦ୍ମପୁର ନିର୍ବାଚନ ମଣ୍ଡଳୀର ବରିକେଲ ମଣ୍ଡଳୀ ଯୁବ ମୋର୍ଚ୍ଚା ସାଙ୍ଗଠନିକ ବୈଠକ ଅନୁଷ୍ଠିତ



ପଦ୍ମପୁର, (ନିପ୍ର) : ପଦ୍ମପୁର ନିର୍ବାଚନ ମଣ୍ଡଳୀ ବରିକେଲ ମଣ୍ଡଳ ବିଜାଡିହି ଛକଠାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ବରିକେଲ ମଣ୍ଡଳ ସଭାପତି ରାଜେନ୍ଦ୍ର ମର୍ହିଙ୍କ ଅଧକ୍ଷତାରେ ମଣ୍ଡଳ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା ।

ବରିକେଲ ମଣ୍ଡଳ ସଭାପତି ସୌକିଲାଲ ସାହା ସଭାକୁ ପରିଚାଳନା କରିଥିବା ବେଳେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରୀତେଶ ବହିଦାର, ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଭୁଏ, ରାଜ ବୋଡାସମ୍ବର ବ୍ଲକ ସାଂସଦ ପ୍ରତିନିଧି ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ କୁନାଲ ପାଣିଗ୍ରାହୀ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ରୋଶନ ପାଣିଗ୍ରାହୀ, ଜିଲ୍ଲା ସଂଯୋଜକ ମଣ୍ଟୁ ପାଣ୍ଡେ, ଜିଲ୍ଲା ଯୁବ ମୋର୍ଚ୍ଚା ସଂଯୋଜକ ଲକ୍ଷ୍ମୀକାନ୍ତ ବରିହା ସମସ୍ତ ନୂତନ ମଣ୍ଡଳ ଯୁବମୋର୍ଚ୍ଚା ପଦାଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ସଂଗଠନକୁ କେମିତି ଆହୁରି ମଜବୁତ କରି ପ୍ରଧାନମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନାକୁ ଘରକୁ ଘର ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ ।

ଏହି ସଭାରେ ଦହିତା ମଣ୍ଡଳ ସଭାପତି ରମଣୀରଞ୍ଜନ ହୋତା, ଲଖମରା ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ଅଜିତ ସାହୁ, ଜଗଦଳପୁର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରକାଶ ସାହୁ, ବରିକେଲ ମଣ୍ଡଳ ସାଧାରଣ ସମ୍ପାଦକ ରାଜୀବ ବୁଦ୍ଧିଆ, ମଣ୍ଡଳ ସୁବ୍ରତ ସାହୁ, ଆଦିତ୍ୟ ତୁରିଆ, ରବୀନ ବସନ୍ତ ସୁଦାମ ଉପସ୍ଥିତ ଥିଲେ । ଶେଷରେ ରାଜେନ୍ଦ୍ର ମର୍ହି ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ରଣାଙ୍କ ପରଲୋକ



କଳାହାଣ୍ଡି, (ନିପ୍ର) : କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅନର୍ଗତ ଅଲାତରାର ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ରଣା(୭୮) ବୟସରେ ଶୁକ୍ରବାର ସକାଳ ୫.୩୦ ରେ ପରଲୋକ ହୋଇଛି । ସେ ପଂଚସଖା ଉଚ୍ଚ ବିଦ୍ୟାପୀଠର ପ୍ରତିଷ୍ଠତା ମଧ୍ୟରେ ଜଣେ, ଯେଉଁ ବିଦ୍ୟାଳୟ ଏବେ ସ୍ମାର୍ଟସ୍କୁଲରେ ମାନ୍ୟତା ପାଇ ଶିକ୍ଷା କ୍ଷେତ୍ରରେ ଏକ ନୂଆ ରୂପ ନେଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୫ ପୁଅ ମଧ୍ୟରୁ ୪ ପୁଅ ପାର୍ଥ ରଣା, ସରୋଜ ରଣା, ଗଙ୍ଗାଧର ରଣା ଓ ମନୋଜ ରଣା ଉପସ୍ଥିତ ଥିବା ବେଳେ ପୁଅ ଲଳିତ ମୋହନ ରଣା ରାୟପୁରରୁ ଆସି ସନ୍ଧ୍ୟାରେ ପହଂଚିଥିଲେ । ପରିବାର ସଦସ୍ୟ ଓ ବନ୍ଧୁ ପରିଜନ ଉପସ୍ଥିତ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ସେ ଜଣେ ଖେଳାଳୀ ଓ ଖେଳପ୍ରେମୀ ଓ ପରୋପକାରୀ ଥିଲେ । ତାଙ୍କ ପରଲୋକ ପାଇଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

**କରୋନା କଟକଣା ମାନି ଚଳନ୍ତୁ, ନିଜ ପାଇଁ ତଥା ମାନବ ସମାଜ ପାଇଁ ସୁରକ୍ଷାର କବଚ ସୃଷ୍ଟି କରନ୍ତୁ ।**

**- ଜଣେ ଶୁଭେଚ୍ଛୁ**

# ୮୪ ଘର ଅଘରିଆ ସମାଜର ମରୁଡି ସ୍ଥିତି ନେଇ ବୈଠକ

ବଲାଙ୍ଗିର, (ନିପ୍ର) : ସରକାର ମରୁଡି ପରିସ୍ଥିତି ଘୋଷଣା କରିବା ନେଇ ୮୪ ଘର ଅଘରିଆ ସମାଜ କେନ୍ଦ୍ର କାର୍ଯ୍ୟକାରୀ କମିଟୀ ତଥା କୃଷକ ମଂଚ ତରଫରୁ ରାମଚନ୍ଦ୍ରପୁର ଗୁଡି ଅଧିନ ଜନକପୁର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସଭାପତି ହରିଶଙ୍କର ସାଏଙ୍କ ସଭାପତିତ୍ୱରେ ୧୮ ଗୁଡିରୁ ପ୍ରାୟ ୧୦୦ ଜଣ ବିଭିନ୍ନ ପଦାଧିକାରୀ ସଭ୍ୟ ଯୋଗ ଦେଇ ସଭାରେ ୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଦେବାକୁ ସଭାରେ ଗୃହୀତ ହେଲା ମଣ୍ଡଳ ସଭାପତି, ବଲାଙ୍ଗିର ଦ୍ୱାରିକାନାଥ ପଟେଲ, କେନ୍ଦ୍ର ଉପସଭାପତି ଷଡାନନ ରାଉତ୍ ସମେତ ବଲାଙ୍ଗିର ଗୁଡି ସଭାପତି ମନୋରଞ୍ଜନ ସାଏ, ପୁଇଁତଲା ସଭାପତି ମଧୁସୂଦନ ସାଏ, ଦୁର୍ଗାପାଲି ସଭାପତି ଧୋବେଇ ଚରଣ ପଟେଲ, କୁସଙ୍ଗ ସଭାପତି ସୁଶାନ୍ତ ପଟେଲ, ରାମଚନ୍ଦ୍ରପୁର ଗୁଡି ସଭାପତି ଯୋଗେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୮ ତାରିଖରେ ଜଗନ୍ନାଥ ପଡା ସ୍ଥିତ ଜଗନ୍ନାଥ ମନ୍ଦିରରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦେବାକୁ ସ୍ଥିର ହୋଇଛି । ସଭାରେ ଆବାହକ ବାରପୁଡୁଗିଆ ଗୁଡି ସଭାପତି ଉଦୟନାଥ ପଟେଲ ସଂଯୋଜନା କରି ଧନ୍ୟବାଦ ଦେଇଥିଲେ ।

ଜିଲ୍ଲା କୃଷକ ମଂଚ ଉପସଭାପତି ଯୋଗେଶ୍ୱର ପଟେଲ ମହିଳା ମଂଚର ନେତ୍ରୀ ବିଳାସିନୀ ପଟେଲ, ଗ୍ରାମ୍ୟ କର୍ମକର୍ତା ବିରଂଚି ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଭର୍ଚୁଆଲ ମୋଡରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ରାମଜୀ ଉଚ୍ଚ ବିଦ୍ୟାଳୟ, କୁରୁଲର ମୋ ସ୍କୁଲ ଅଭିଯାନ ର ଏକ ବୈଠକ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାମଜୀ ଉଚ୍ଚ ବିଦ୍ୟାଳୟକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ରାଜ୍ୟ ସଭା ସାଂସଦ ସୁବାସ ସିଂ ବିଦ୍ୟାଳୟର ଶିକ୍ଷା ଓ ଶିକ୍ଷକ ସମସ୍ୟାକୁ ପ୍ରଥମେ ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ । ସେ ପୂର୍ବରୁ ଏହି ସ୍କୁଲ ପରିଦର୍ଶନ କରିଥିଲେ ଏବଂ ବିଦ୍ୟାଳୟର ପୁନଃରୁଦ୍ଧାନ ନିମନ୍ତେ ପଶ୍ଚିମ ଓଡିଶା ବିକାଶ ପରିଷଦ ରୁ ପାଣ୍ଠି ଯୋଗାଇ ଦେବାକୁ କହିଥିଲେ । ଏଥିପାଇଁ ସେ ବିଦ୍ୟାଳୟର ହିତାକାଂକ୍ଷୀ ବିଷ୍ଣୁ ପ୍ରସାଦ କେଡିଆଙ୍କୁ ଜିଲ୍ଲାପାଳ ଓ ପ୍ରଶାସନ ସହିତ ଯୋଗାଯୋଗ କରିବାର ଦାୟିତ୍ୱ ଦେଇଥିଲେ । ବରିଷ୍ଠ ଶିକ୍ଷକ ଦିଗାମ୍ବର ନାଏକ ଧନ୍ୟବାଦ ଦେଇଥିଲେ । ବୈଠକରେ ମୋ ସକୁଲ କାର୍ଯ୍ୟକ୍ରମର ସଭାପତି ଅଶ୍ୱିନୀ ନାଏକ, କୋଷାଧ୍ୟକ୍ଷ ଅସିତ ରଂଜନ ପଟ୍ଟନାଏକ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପ୍ରାୟ ୫୭ ଜଣ ପୁରାତନ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ତୃଣମୂଳ ସ୍ତରରୁ କଂଗ୍ରେସକୁ ମଜବୁତ୍ କରିବାକୁ ବରଗଡ ନଗର ଏବଂ ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ



ବରଗଡ, (ନିପ୍ର) : ବରଗଡ ବିଧାନସଭା ପ୍ରାର୍ଥୀ ନିପନ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ପରିଚାଳିତ କରାଯାଇ ବରଗଡ ନଗର ଏବଂ ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରୀ କମିଟି କାର୍ଯ୍ୟନିର୍ବାହୀ ବୈଠକ ଆଜି ନଗର ସଭାପତି ସୁଧୀର ରଞ୍ଜନ ଜେନା ଏବଂ ବ୍ଲକ ସଭାପତି ଅନନ୍ତ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଟାଉନ ହଲ୍‌ରେ ଅନୁଷ୍ଠିତ ଏହି ସଭାରେ କଂଗ୍ରେସର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ନିଜ ନିଜ ମଧ୍ୟରେ ଉଚିତ୍ ସମନ୍ୱୟ ରକ୍ଷା କରି ନିଜର ମତ ପାର୍ଥକ୍ୟ ଭୁଲି ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରିବାକୁ ସଂକଳ୍ପ ନେଇଥିଲେ । ଦଳ ଆଗାମୀ ଦିନରେ କୃଷି ଓ କୃଷକଙ୍କ ସମସ୍ୟା, ୱାର୍ଡ ଏବଂ ବ୍ଲକ ସ୍ତରର ସମସ୍ୟାକୁ ନେଇ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା । ବରଗଡ ପୌରାଞ୍ଚଳ ଏବଂ ବ୍ଲକରେ ଥିବା ବେସରକାରୀ କଳ କାରଖାନାରେ ସ୍ଥାନୀୟ ନିଯୁକ୍ତି ଦାବୀ ନେଇ ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି, ଠିକା କର୍ମଚାରୀଙ୍କୁ ସରକାର ସ୍ଥାୟୀ କରିବା ସହ ଓଡିଶାରେ ଠିକା ନିଯୁକ୍ତି ପ୍ରକ୍ରିୟା ବନ୍ଦ କରି ସମସ୍ତ ବେକାର ଯୁବକ ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାର ବ୍ୟବସ୍ଥାକୁ ଆପଣେଇବାକୁ ଦାବୀ କରାଯାଇଛି, ପୌରାଞ୍ଚଳ ଓ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମନରେଗାରେ ହୋଇଥିବା ଦୁର୍ନୀତିର ପ୍ରକୃତ ତଦନ୍ତ କରି, ଏଥିରେ ସଂପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବା ସହ ନଗର ଏବଂ ବ୍ଲକରେ ବଞ୍ଚିତ ହୋଇଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବାକୁ ଦାବୀ କରାଯାଇଛି । ସେହିପରି ୱାର୍ଡ, ବ୍ଲକ, ପଞ୍ଚାୟତ ଓ ବୁଥ ସ୍ତରରୁ କଂଗ୍ରେସ ସଂଗଠନକୁ ମଜବୁତ୍ କରିବାକୁ ସଂକଳ୍ପ ନିଆଯାଇଥିଲା । ବୈଠକରେ ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯୁଗଳ ପ୍ରସାଦ ସିଂ, ଜିଲ୍ଲା ସଭାପତି ନିହାର ରଞ୍ଜନ ମହାନନ୍ଦ, ୨୦୧୯ ସାଧାରଣ ନିର୍ବାଚନ ବରଗଡ ଲୋକସଭା ପ୍ରାର୍ଥୀ ପ୍ରଦୀପ ଦେବତା, ବରଗଡ ବିଧାନସଭା ପ୍ରାର୍ଥୀ ନିପନ ଦାଶ, ଜିଲ୍ଲା କଂଗ୍ରେସ ଉପସଭାପତି ରବିନାରାୟଣ ପଣ୍ଡା, ପାଣ୍ଡବ କର୍ଣ୍ଣ, ନଗର ସଭାପତି ସୁଧୀର ରଂଜନ ଜେନା, ବ୍ଲକ ସଭାପତି ଅନନ୍ତ ତାଣ୍ଡି, ନଗର କଂଗ୍ରେସ ଉପସଭାପତି ସଞ୍ଜୀବ ମହାରଣା, ହରଦିପ ସିଂ ମଞ୍ଚାସୀନ ଥିଲେ । ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ନବ ନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ସ୍ୱାଗତ କରିବା ସହ ଦଳ ମଧ୍ୟରେ ନିଜ ନିଜ ଭିତରେ ଥିବା ମତ ପାର୍ଥକ୍ୟକୁ ଭୁଲି ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ସମ୍ପାଦକ ସୁଶୀଲ ଭୋଇ, ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ଅଭିଳାଷ ପତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁଶାନ୍ତ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସୋସିଆଲ ମିଡିଆ ସଂଯୋଜକ ପପୁ କୁମ୍ଭାର, ପୂର୍ବତନ ଛାତ୍ର କଂଗ୍ରେସ ସୋସିଆଲ ମିଡିଆ ଉପାଧ୍ୟକ୍ଷ ଅଭିଷେକ ନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି, ରାଜୀବ ଗାନ୍ଧୀ ଛାତ୍ର ଫୋରମ ଜିଲ୍ଲା ସଭାପତି ପିକୁନ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଜିଲ୍ଲା ମଜଦୁର କଂଗ୍ରେସ ସଭାପତି ବ୍ରହ୍ମାନନ୍ଦ ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ । ଆଜିର ଏହି ନଗର ଏବଂ ବ୍ଲକ କଂଗ୍ରେସ କମିଟିର ବୈଠକରେ ବରଗଡ ନଗର ଏବଂ ବ୍ଲକ କଂଗ୍ରେସ କମିଟିର ନବ ନିଯୁକ୍ତ କଂଗ୍ରେସ କମିଟି କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ଓଏସ୍‌ଏସ୍‌ସି ମହାଦୁର୍ନୀତି : ଛାତ୍ର କଂଗ୍ରେସ ତରଫରୁ ଦସ୍ତଖତ ଅଭିଯାନ

ବଲାଙ୍ଗିର, (ନିପ୍ର) : ଓଡିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍‌ରେ ଚାକିରି ପାଇଁ ଦୁର୍ନୀତି ହୋଇଥିବା ଭିଡିଓ ଭାଇରାଲ ହୋଇଥିଲା । ଏହାକୁ ବିଧାନ ସଭାରେ ତୁମ୍ବୀ ତୋଫାନ ହେବା ପରେ, ଛାତ୍ର କଂଗ୍ରେସ ତରଫରୁ ରାଜ୍ୟ ବ୍ୟାପି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି । ସେହି ପରିପ୍ରେକ୍ଷୀରେ ଆଜି ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ରାଜେନ୍ଦ୍ର ୟୁନିଭର୍ସିଟି ସାମନାରେ ଜନ ମତ ସଂଗ୍ରହ କରାଯିବା ସହ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ତଥା ରାଜ୍ୟ ସଂପାଦକ ଅଜିତ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ର କଂଗ୍ରେସର ବିଭିନ୍ନ କର୍ମକର୍ତ୍ତାମାନେ ଉକ୍ତ ଘଟଣା ଉପରେ ଜନସାଧାରଣ ଓ ଛାତ୍ରଛାତ୍ରୀ ମତ ଓ ଦସ୍ତଖତ ସଂଗ୍ରହ କରିଛନ୍ତି । ଆସନ୍ତା ୭ ତାରିଖ ସୁଦ୍ଧା ସରକାର ଉକ୍ତ ଘଟଣାରେ ସଂପୃକ୍ତ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଛାତ୍ର କଂଗ୍ରେସ ବିଧାନ ସଭା ଘେରାଉ କରିବାକୁ ବାଧ୍ୟ ହେବ ବୋଲି ଛାତ୍ର କଂଗ୍ରେସ କହିଛି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁଜିତ କୁମ୍ଭାର, ଟୁଲୁ ସେନ, ଅମିୟ ବରର୍ଡି, ଓମ୍ ରାଉତ, ଶୁଭେନ୍ଦୁ ସାହୁ, ସରୋଜ ସାହୁ, କିଶନ ମୁଗ୍ରୀ, ବନମାଳି ସାହୁ, ସନତ ପ୍ରଧାନ, ରାହୁଲ ନାଏକ, ଅଜୟ ନାଗ ଓ କ୍ରିଷ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।






# ଭିନ୍ନକ୍ଷମ ଛାତ୍ରଙ୍କୁ ମିଳୁନି ନ୍ୟାୟ : ଥାନାକୁ ଦୌଡି ଦୌଡି ନିରାଶ



ପୁରୀ, (ନିପ୍ର) : ପିପିଲି-ପୁରୀ ଜିଲ୍ଲା ପିପିଲି ଥାନା ଅର୍ନ୍ତଗତ ତେଇସିପୁର ପଂଚାୟତ ପୋଡଙ୍ଗ ଗ୍ରାମର ଚନ୍ଦ୍ରଶେଖର ସେନାପତିଙ୍କ ଭିନ୍ନକ୍ଷମ ପୁଅ ରାଜେଶ ସେନାପତି ସମ୍ବଲପୁର ଜିଲ୍ଲା ଅର୍ନ୍ତଗତ କୃଷି ବିଶ୍ୱବିଦ୍ୟାଳୟ ଚିପିଲିମାର କୃଷି ବିଭାଗର ୨ୟବର୍ଷ ଛାତ୍ର ଭାବେ ଅଧ୍ୟୟନ କରନ୍ତି । କରୋନା ମହାମାରୀ ପାଇଁ ସରକାରଙ୍କ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ନିୟମ ଜାରୀ ହେବାରୁ ନିଜ ଘର ପିପିଲି ଥାନା ଅର୍ନ୍ତଗତ ପୋଡଙ୍ଗଠାରେ ସେ ରହିଯାଇଥିଲେ । ସୂଚନା ଅନୁସାରେ ଭିନ୍ନକ୍ଷମ ଛାତ୍ର ହୋଇଥିବାରୁ ତାଙ୍କ ଚଳପ୍ରଚଳ ପାଇଁ ଏକ ମାତ୍ର ସାହାରା ସ୍କୁଟି ଗାଡିର ଆବଶ୍ୟକତା ରହିଥାଏ । ସେହି ସ୍କୁଟି ଗାଡିଟି ଅଧ୍ୟୟନ କରୁଥିବା ସମ୍ବଲପୁର ଜିଲ୍ଲାର କୃଷି ବିଶ୍ୱବିଦ୍ୟାଳୟ ଚିପିଲିମା ଠାରେ ରଖି ଆସିଥିଲେ । ସ୍କୁଟି ଗାଡିଟିକୁ ସେଠାରୁ ଆଣିବା ପାଇଁ ସମ୍ବଲପୁର ବୁର୍ଲାର ନାଗରାଜ ବସ୍ ଯାହାର ନମ୍ବର (ଓଡି୧୫କେ୦୩୫୫)ରେ ସାଙ୍ଗମାନଙ୍କ ସହାୟତାରେ ବୁକିଂ କରିଥିଲେ । ହଠାତ୍ ସଟ୍ ଡାଉନ୍ ନିୟମ କଡାକଡି ପାଳନ ପାଇଁ ବସ୍ ଚଳାଚଳ ସମ୍ବଲପୁର ଠାରୁ ଭୁବନେଶ୍ୱର ବନ୍ଦ ରହିଲା । ବସର କଣ୍ଡକ୍ଟର ଘର କଟକ ହୋଇଥିବାରୁ ସେ ସ୍କୁଟି ଗାଡିଟିକୁ ଆଣି ଭୁବନେଶ୍ୱର ଠାରେ ପହଂଚାଇ ଦେବା ପ୍ରତିଶୃତି ଦେଇ ସେଠାରୁ ସ୍କୁଟି ଗାଡିଟିକୁ ଆଣିଥିଲେ ଏବଂ କଣ୍ଡକ୍ଟର ଫୋନ ନମ୍ବର ୯୦୯୦୩୫୪୦୨୬ରେ ଯୋଗାଯୋଗ କରି ଏପ୍ରିଲ ୩୦ ତାରିଖ ଭୁବନେଶ୍ୱରରୁ ପହଂଚାଇ ଦେବା କହି ସେହି ଦିନ ଠାରୁ ଗାଡିଟିକୁ ନେଇ ଫେରାର ରହିଥିବା ସୂଚନା ମିଳିଛି । ଦେଇଥିବା ଫୋନ୍ ନମ୍ବର ସୁଇଜ ଅଫ ରହିଛି । ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଭିନ୍ନକ୍ଷମ ଛାତ୍ର ଜଣକ ଏହି ଘଟଣା ସମ୍ପର୍କରେ ପ୍ରଥମେ ମେ ୩୦ ତାରିଖରେ ପିପିଲି ଥାନାକୁ ଜଣାଇଥିଲେ । ସେମାନେ ଘଟଣାଟି ଅନ୍ୟ ଥାନା ଅଂଚଳର କହି ସମ୍ବଲପୁର ବୁର୍ଲା ଥାନାରେ ଅଭିଯୋଗ କରିବାକୁ କହିଥିଲେ । ସଟ୍‌ଡାଉନ୍ ନିୟମ ବଳବତର ଥିବାରୁ ଭିନ୍ନକ୍ଷମ ଛାତ୍ର ଜଣକ ସେଠାକୁ ଯାଇ ଘଟଣା ଜଣାଇବା କଷ୍ଟକର ହୋଇଥିବାରୁ ଅନଲାଇନ ମାଧ୍ୟମରେ ଜୁନ ୨୫ ତାରିଖରେ ଘଟଣା ସମ୍ପର୍କରେ ବୁର୍ଲା ଥାନାକୁ ଏକ ରିପୋର୍ଟ ପ୍ରଦାନ କରିଥିଲେ । ସଟ୍ ଡାଉନ୍ ଖୋଲିବା ପରେ ଛାତ୍ର ଜଣକ ବୁର୍ଲା ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ପାଇନଥିବା ଭିନ୍ନକ୍ଷମ ଛାତ୍ର ଜଣକ ଦୁଃଖରେ ଜଣାଇଛନ୍ତି । ନିଜର ଏକମାତ୍ର ସାହାରା ସ୍କୁଟି ଗାଡିଟିକୁ ଫେରି ପାଇବା ଦିଗରେ ସହଯୋଗ କରିବା ପାଇଁ ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଗୁହାରୀ କରିଛନ୍ତି ।

# ପଞ୍ଚାୟତ ମହାବିଦ୍ୟାଳୟ ବରଗଡର ସମସ୍ୟା ସମାଧାନ ପାଇଁ ଦାବୀ କଲା ସିୱାଇଏସ୍‌ଏସ୍



ବରଗଡ, (ନିପ୍ର) :ପଞ୍ଚାୟତ ମହାବିଦ୍ୟାଳୟ ବରଗଡର ବିଭିନ୍ନ ସମସ୍ୟାଗୁଡିକର ସମାଧାନ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଆମ୍ ଆଦ୍‌ମୀ ପାର୍ଟିର ଛାତ୍ର ସଂଗଠନ ସିୱାଇଏସ୍‌ଏସ୍ ତରଫରୁ ଜିଲ୍ଲା ସଭାପତି ପୌଲସ୍ତ୍ୟ ସାହାଙ୍କ ଅଧ୍ୟକ୍ଷତାରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ମହାବିଦ୍ୟାଳୟରେ ରହିଥବା ରିକ୍ରିଏସନ୍ ସେଣ୍ଟର୍ ବହୁ ଦିନରୁ ବନ୍ଦ ରହିଥିବାରୁ ଏହା ଯଥାଶୀଘ୍ର ଖୋଲିବା ପାଇଁ ଦାବୀ କରାଯାଇଅଛି ।

ସେହି ଭଳି ପୂର୍ଣ୍ଣାଙ୍ଗ ଲାଇବ୍ରେରୀ ସହ ଲେଟ୍ରିନ୍ ବାଥ୍‌ରୁମ୍ ଥିବା ଏବଂ କମ୍ପୁଟର ସୁବିଧା ଥିବା ଅତ୍ୟାଧୁନି ପଠନ ଗୃହ ନିର୍ମାଣ ପାଇଁ ଦାବୀ ହୋଇଛି । ଏତଦ୍ ବ୍ୟତୀତ ଛାତ୍ରଛାତ୍ରୀ ମାନଙ୍କ ପାଇ କମନ୍ ରୁମ୍ ଏବଂ ୱାଇଫାଇ ସୁବିଧା ଉପଲବ୍ଧ କରିବା ପାଇଁ ଦାବୀ କରାଯାଇଅଛି । ଉକ୍ତ ସମସ୍ତ ଦାବୀ ଅତିଶୀଘ୍ର କରାଯିବ ବୋଲି ଅଧ୍ୟକ୍ଷ ପତିତପାବନ ସାହୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦାବୀପତ୍ରରେ ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ଦସ୍ତଖତ ପରେ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ର ଯୁବ ସଙ୍ଘର୍ଷ ସମିତି ବରଗଡ ଜିଲ୍ଲା ସଭାପତି ପୌଲସ୍ତ୍ୟ ସାହାଙ୍କ ସମେତ ଝସକେତନ ବାରିକ, ଦଧିବନ୍ତ ବେସରା, ବିଭୁତି ଭୁଷଣ ଦୀପ, ପ୍ରମୋଦ ରାଉତ, ସରତ ଜାଲ, ରୋହିତ ସାହୁ, ରାଜ୍ ସେଠ୍, ପ୍ରିୟାଂଶୁ ବେହେରା, ସୌରଭ ମେହେର ଏବଂ ଆକାଶ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍ତମ ମାନର ଛତୁଆ ଯୋଗାଉଛନ୍ତି ଶ୍ରୀ ଶ୍ରୀ ଲକ୍ଷ୍ମୀ ମା' ଏସ୍ଏଚ୍‌ଜି ଦଳ : ୩୦ ପରିବାରଙ୍କୁ ମିଳୁଛି ରୋଜଗାର



ସଇଁନ୍ତଲା, (ନିପ୍ର) : ରାଜ୍ୟ ସରକାର ପକ୍ଷରୁ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ବିଭିନ୍ନ ଜିଲ୍ଲାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେଇଥିବା ବେଳେ ଅନେକ ଏସ୍ଏଚ୍‌ଜି ଦଳ ଛତୁଆ ପ୍ରସ୍ତୁତି କରି ରୋଜଗାର ପାଇ ପାରିବା ସହ ସ୍ୱାବଲମ୍ବୀ ମଧ ହେଇ ପାରୁଛନ୍ତି । ତେବେ ଉତ୍ତମ ମାନର ଛତୁଆ ନିର୍ମାଣ ଏବେ ଚର୍ଚ୍ଚାରେ ସଇଁନ୍ତଲା ବ୍ଲକର ଶ୍ରୀ ଶ୍ରୀ ଲକ୍ଷ୍ମୀ ମା' ଏସ୍ଏଚ୍‌ଜି ଦଳ । ଦାଦନ ଗଡର ୩୦ରୁ ଅଧିକ ପରିବାର ଲୋକଙ୍କୁ ରୋଜଗାର ଦେଇ ଏବେ ଲୋକଙ୍କ ପାଇଁ ସାହା ଭରସା ପାଲଟିଛନ୍ତି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକରେ ଥିବା ଶ୍ରୀ ଶ୍ରୀ ଲକ୍ଷ୍ମୀ ମା' ଏସ୍ଏଚ୍‌ଜି । ଲୋକେ କାମ ଧନ୍ଦା ନ ପାଇ ପାରିବାରୁ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଥିବା ବେଳେ ବର୍ତ୍ତମାନ ଛତୁଆ ନିର୍ମାଣ କାର୍ଯ୍ୟରେ ସାମିଲ ହୋଇ ରୋଜଗାର ପାଇ ପାରୁଥିବା ବେଳେ ବେଶ ପ୍ରଶଂସା ମଧ ସାଉଟୁଛନ୍ତି । ସୂଚନାଯୋଗ୍ୟ ଯେ, ସଇଁନ୍ତଲା ଆଇଡିଏସ୍ ବିଭାଗର ୪ଟି ସେଣ୍ଟର ରହିଛି ସେଗୁଡିକ ହେଲା କରମତଲା, ଟିକ୍ରାପଡା, ସଇଁନ୍ତଲା ଓ କନ୍ଦକେଲଗାଁ । ଏହି ସେଣ୍ଟର ଅଧିନରେ ୯୫ଟି ଅଙ୍ଗନବାଡି କେନ୍ଦ୍ରଗୁଡିକୁ ପ୍ରସୂତି, ଗର୍ଭବତୀ ଓ ଛ'ମାସରୁ ତିନି ବର୍ଷ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ କରୁଛି ଶ୍ରୀ ଶ୍ରୀ ମା' ଲକ୍ଷ୍ମୀ ଗୋଷ୍ଠୀ ଦଳ । ଉକ୍ତ ଗୋଷ୍ଠୀର ଦଳ ଛତୁଆ ପ୍ରସ୍ତୁତ କରି ଯୋଗାଉ ଥିବା ବେଳେ ଉତ୍ତମ ମାନର ଛତୁଆ ସାଙ୍ଗକୁ ପକେଟର ମାପ ମଧ ଠିକ ଥିବା ଦେଖିବାକୁ ମିଳିଛି । ତେବେ ସରକାରଙ୍କ ନିର୍ଦ୍ଦେଶ କ୍ରମରେ ବିଭିନ୍ନ ପ୍ରକାରର ଯଥା ସୁଜି ହାଲୁଆ, ବାଦାମ ଲଡୁ ଭଳି ଅନେକ ଦ୍ରବ୍ୟ ତିଆରି କରାଯାଇଥାଏ । ପ୍ରଶାସନ ଉପସ୍ଥିତରେ ଉତ୍ତମ ମାନରେ ନିର୍ମାଣ କରିବା ସହ ୫୦ରୁ ଅଧିକ ପରିବାରର ସଦସ୍ୟଙ୍କୁ ରୋଜଗାର ଯୋଗାଇଥିବା ବେଳେ ମହିଳା ମାନେ ସ୍ୱାବଲମ୍ବୀ ମଧ ହୋଇ ପାରିଛନ୍ତି ।

# ପବିତ୍ର ଗୁରୁ ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୫୮ ୟୁନିଟ୍ ରକ୍ତ ସଂଗୃହୀତ



ବରଗଡ଼, (ନିପ୍ର) : ଆଜି ପବିତ୍ର ଗୁରୁ ଦିବସ ଅବସରରେ ଭେଡେନ ସ୍ଥିତ ଜ୍ଞାନ ଡିଫେନ୍ସ କୋଚିଂ ସେଣ୍ଟର ଓ ନିଷ୍ଠା ପରିବାରର ମିଳିତ ଆନକୂଲ୍ୟରେ ଭେଡେନ, ବରଗଡ଼ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

ଏହି ଶିବିରରେ ଅତିଥି ଭାବରେ ଅରୁଣ କୁମାର ପଣ୍ଡା, ଗଙ୍ଗାଧର ଦାସ, ଶ୍ରୀକାନ୍ତ କୁମାର ପ୍ରଧାନ, ଲୋଚନ କୁମାର ଭୋଇ ଯୋଗ ଦେଇଥିଲେ । ଏହି ଶିବିରରେ ବରଗଡ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୫୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ନିଷ୍ଠାର ସଭାପତି ରକ୍ଷପାଲ ସାହୁ, ସଂପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧକ୍ଷ ଶ୍ୟାମ ସୁନ୍ଦର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।

# ଅଭିନନ୍ଦନ ସାହିତ୍ୟ ପରିଷଦ ବଲାଙ୍ଗିରର ପ୍ରତିଷ୍ଠା ଦିବସ ଓ ପ୍ରଥମ ଅଧିବେଶନ ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ଆଜି ସ୍ଥାନୀୟ ତେଲିଗୋଟପଡା ଠାରେ ଅଭିନନ୍ଦନ ସାହିତ୍ୟ ପରିଷଦ ବଲାଙ୍ଗିରର ପ୍ରତିଷ୍ଠା ଦିବସ ଓ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ରାଜେନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସତ୍ୟବନ୍ତ ବେଦବାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଆରକ୍ଷୀ ଅଧିକ୍ଷକ ବିବେକ ରଥ, ମୁଖ୍ୟବକ୍ତା ଭାବରେ ପୂର୍ବତନ ଅଧକ୍ଷ ତରୁଣ ମିଶ୍ର ଓ ମହିଳା ମୋର୍ଚ୍ଚାର ସମ୍ପାଦିକା ମାଳତୀ ଉଦ୍‌ଘାଟା ମଂଚାସୀନ ଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିଲେ କସ୍ତୁରୀ ରଥ । ପରିଷଦର ଉଦେଶ୍ୟ ଓ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ ଅଭିନନ୍ଦନ ଓ ଜିଲ୍ଲା ସାମ୍ବାଦିକ ଧର୍ମବ୍ରତ ରଥ । ସଭା ପରିଚାଳନା କରିଥିଲେ କବି ରନ୍ମୟ ତ୍ରିପାଠୀ ।

ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କପିଳ ପତିଙ୍କୁ ଭାଗିରଥୀ ନେପାକ ସାହିତ୍ୟ ସମ୍ମାନ ଓ ନୀଳମଣି ବିଶ୍ୱାଳଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ମାନପତ୍ର ଓ ମେଡାଲ ପ୍ରଦାନ କରିଥିଲେ । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଗୁରୁ ଦିବସର ମହତ୍ୱ, ରାଧା କୃଷ୍ଣନଙ୍କ ଆଦର୍ଶ ଓ ଆମେ କିପରି ଭଲ ମଣିଷ ହେବା ସେ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ପରିଷଦର ସମ୍ପାଦକ ଦିବାକର ହୋତା । ଏହି ସଭାରେ ଅନେକ ସାହିତ୍ୟ ପ୍ରେମୀ, ଶିକ୍ଷକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

# ପବିତ୍ର ଗୁରୁଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ



କଣ୍ଟାବାଞ୍ଜି, (ନିପ୍ର) : ତୁରେକେଲା ବ୍ଲକ ଅନ୍ତର୍ଗତ ଚଟୁଅନକା ଗ୍ରାମ ପଞ୍ଚାୟତର ମାଝୀପଡା ପ୍ରାଥମିକ ବିଦ୍ୟାଳୟରେ ପବିତ୍ର ଗୁରୁଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଜୁନିୟର ରେଡକ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ନିଆଲ, ଅଙ୍ଗନବାଡି କର୍ମୀ ସଙ୍ଗୀତା ବଏ, ଶିକ୍ଷକ କିଶୋର ବରିହା, ଶିକ୍ଷୟିତ୍ରୀ ଦେବକୀ ତାଣ୍ଡି, ଅଗସ୍ତି ମାଝୀ, ଛିନେ ମାଝୀ ସମେତ ଅନ୍ୟ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ସର୍ବ ପ୍ରଥମେ ଡ.ସର୍ବପଲ୍ଲୀ ରାଧାକ୍ରିଷନଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ପ୍ରଦାନ କରାଯାଇଥିଲା । ଜୁନିୟର ରେଡକ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶ ନିଜ ବକ୍ତବ୍ୟରେ କହିଲେ ଯେ, ବର୍ତ୍ତମାନର ଘଡିସନ୍ଧି ମୁହୂର୍ତ୍ତରେ କରୋନା ମହାମାରୀ ସହିତ ଡେଙ୍ଗୁ, ଚିକୁନଗୁନିଆ ଜ୍ୱର ତାଙ୍କର କାୟା ବିସ୍ତାର କରିବାରେ ଲାଗିଛନ୍ତି । ଏଣୁ ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ମାନଙ୍କର ସଚେତନତା ସୃଷ୍ଟି କରିବା ଗୁରୁ ଦାୟିତ୍ୱ ରହିଛି । ତା'ପରେ ସମସ୍ତେ ମିଶି ଗାଁରେ ପମ୍ଫ୍ଲେଟ ବାଣ୍ଟିବା ସହିତ ଡେଙ୍ଗୁ, ଚିକୁନଗୁନିଆ ଓ କରୋନା ରୋଗ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

# କୋଭିଡ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା




ସାଲେଭଟା, (ନିପ୍ର) : ଦୀର୍ଘ ୨ବର୍ଷ ପାଖାପାଖି କୋଭଡି ଭୟରେ ରାଜ୍ୟ ସରକାର ପ୍ରାଥମିକ ସ୍କୁଲରେ ଶ୍ରେଣୀ ଗୃହ ଶିକ୍ଷାଦାନକୁ ଅନୁମତି ଦେଇପାରି ନାହାନ୍ତି । ୟୁଟ୍ୟୁବ ଲାଇଭ କ୍ଲାସ ଓ ବିଭିନ୍ନ ବୈକଳ୍ପିକ ସାଧନ ମାଧମରେ ପାଠପଢା ଚାଲିଛି । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସାଲେଭଟା ପ୍ରାଥମିକ ବିଦ୍ୟାଳୟରେ ସାଂପ୍ରତିକ କୋଭିଡ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନାରେ ଶିକ୍ଷକଙ୍କ ଭୂମିକା ବିଷୟରେ କ୍ଲଷ୍ଟର ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଗଲପୁର ଏବିଇଓ ଆରୁଣି ମହାନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଆଗଲପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ରୀନା କୁମାରୀ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଆଗଲପୁର ଏବିଇଓ ପ୍ରଭାତ କୁମାର ପାତ୍ର, ଏବିଇଓ ଆଦିତ୍ୟ କୁମାର ବନ୍ଦିଛୋର ଯୋଗଦେଇଥିଲେ ।

ୟୁଟ୍ୟୁବ ଲାଇଭ କ୍ଲାସ ପରିଚାଳନା ସଙ୍ଗେ ସଙ୍ଗେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ହୋମ ଭିଜିଟ ମାଧମରେ ୱାର୍କସିଟ ତଦାରଖ, ଫୋନ ମାଧମରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣର ପ୍ରଗତି ବିଷୟରେ ପିତାମାତାଙ୍କ ସହିତ ଯୋଗାଯୋଗ ଏବଂ ବିଭିନ୍ନ ଶିକ୍ଷଣୀୟ ଆପ୍‌ର ଉପଯୁକ୍ତ ବ୍ୟବହାର କରି ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ଉଦ୍‌ଜୀବିତ କରିବା ସନ୍ଦର୍ଭରେ ସଭାରେ ମତ ପ୍ରକାଶ ପାଇଥିଲା । ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛତା ପକ୍ଷର ତୃତୀୟ ଦିବସରେ ଶପଥ ପାଠ କରାଯିବା ସହିତ କୋଭିଡ ଗାଇଡଲାଇନ ଅନୁପାଳନ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଏହି ଅବସରରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଟିଚିଙ୍ଗ ଲାର୍ଣ୍ଣିଙ୍ଗ ସାମଗ୍ରୀର ପ୍ରଦର୍ଶନୀକୁ ଶିକ୍ଷା ଅଧିକାରୀ ବୁଲି ଦେଖିଥିଲେ ଏବଂ ଆଗାମୀ ଦିନରେ ସବୁ ବିଦ୍ୟାଳୟରେ ଏଭଳି ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି ଏବଂ ବିକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷକ ଗୋବିନ୍ଦ ସାହୁ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସିଆରସିସି ସଦାନନ୍ଦ ଭୁଏ ଓ ସାଲେଭଟା ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଜୁନିଅର ରେଡକ୍ରସ ପରାମର୍ଶଦାତା ଦୁର୍ଯ୍ୟୋଧନ ପଶାୟତ ମିଳିତ ଭାବରେ ପରିଚାଳନା କରିଥିଲେ । ସାଲେଭଟା କ୍ଲଷ୍ଟର ଅନ୍ତର୍ଗତ ଶିକ୍ଷକ ସୁଶାନ୍ତ କୁମାର ନନ୍ଦ, ଦଶରଥ ପଟେଲ, ନେତ୍ରାନନ୍ଦ ସାହୁ, ଦୟାନନ୍ଦ ସାହୁ, ସୁଧାଂଶୁ ଶେଖର ସାହୁ, ମୁରାରୀଧର ବାବୁ, ନିର୍ମଳା ବାଗ, କୁନ୍ତି ପଧାନ, ଧରିତ୍ରୀ ସାହୁ, ଅଳକା ପଣ୍ଡା, ଗୁରୁବାରୀ ପଧାନ, ପିଙ୍କି କର୍ଣ୍ଣ, ଜାହ୍ନବୀ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବନବାସୀ ସୁରକ୍ଷା ସଂଗଠନ ପକ୍ଷରୁ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ବୈଠକ ଅନୁଷ୍ଠିତ



ବାଲିଗୁଡା, (ନିପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନବାସୀ ସୁରକ୍ଷା ସଂଗଠନ ପକ୍ଷରୁ ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଦ୍ୟୁତ, ଇଣ୍ଟରନେଟ୍ ସେବା ଭଳି ଅନେକ ଜରୁରୀ କାଳୀନ ସମସ୍ୟାର ସମାଧାନ ଲାଗି ଆଲୋଚନା କରାଯାଇଥିଲା । ବ୍ରାହ୍ମଣୀଗାଁ ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ଭାବେ ପରିଚିତ ଥିବା ବେଳେ ଏହି ଅଞ୍ଚଳରେ ଝୁଣା, ଲାଖ, ପାଳୁଅ ପାଇଁ ଏହି ଅଞ୍ଚଳ ସାରା ରାଜ୍ୟ ଓ ରାଜ୍ୟ ବାହାରେ ନିଜର ଖ୍ୟାତି ଲାଭ କରିଛି । ତେଣୁ ଏହି ଅଞ୍ଚଳ ବ୍ୟବସାୟୀର ପେଣ୍ଟସ୍ଥଳୀ ଭାବେ ପରିଚିତ ହୋଇଥିବା ବେଳେ ଏଠାରେ ଆଠ ଗୋଟି ପଞ୍ଚାୟତର ଲୋକେ ଯଥା : ହାତୀମୁଣ୍ଡା, ତାଜୁଙ୍ଗି, ଗଦାପୁର, ସରାମୂଳି, ବ୍ରାହ୍ମଣୀଗାଁ, ଝିଞ୍ଜିରିଗୁଡା, କୁମ୍ଭାରିଗାଁ, କାଟିଙ୍ଗା ସମେତ ଗଜପତି ଜିଲ୍ଲା ମୋହନା ବ୍ଲକର କାଟମା ଓ ପାଣିଗଣ୍ଡା ଏହି ବ୍ରାହ୍ମଣୀଗାଁ ପଞ୍ଚାୟତ ଉପରେ ନିର୍ଭର କରନ୍ତି । ବ୍ୟାଙ୍କଠାରୁ ଆରମ୍ଭ କରି ଶିକ୍ଷା ପାଇଁ ମଧ ଆସିଥାନ୍ତି ଏହି ବ୍ରାହ୍ମଣୀଗାଁକୁ । କିନ୍ତୁ ନା ମିଳି ପାରୁଛି ବ୍ୟାଙ୍କ ସେବା ନା ହେଉଛି ଅନଲାଇନ୍ ପାଠପଢା । ବ୍ରାହ୍ମଣୀଗାଁରେ ଠିକ୍ ଭାବରେ ନେଟୱାର୍କ ରହୁନଥିବାରୁ ପିଲାମାନେ ପାଠ ପଢାରେ ବଞ୍ଚିତ ଅଛନ୍ତି । ସରକାର ଅନଲାଇନ୍ ପାଠ ପଢିବା ଘୋଷଣା କରିଥିବା ବେଳେ ତାହା ଦୁର୍ଗମ ଅଞ୍ଚଳ ମାନଙ୍କରେ କେବଳ ଏକ ପ୍ରକାର ପ୍ରହସନ ପାଲଟିଛି । ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ଅନଲାଇନ୍ ପାଠ ପଢିବା ପାଇଁ ମୋବାଇଲ ନେଟୱାର୍କ ପାଇବା ଲାଗି ଜଙ୍ଗଲ ଉପରକୁ ଯାଇ ପାଠ ପଢୁଛନ୍ତି । ଏହି ମଧରେ ଯଦି କୌଣସି ଛାତ୍ରଛାତ୍ରୀ ସରିସୃପ ଶିକାର ହେଲେ ଏହାର ଦାୟୀ କିଏ ରହିବେ ବୋଲି ପ୍ରଶ୍ନ କରିଛନ୍ତି ବନବାସୀ ସୁରକ୍ଷା ସଂଗଠକର ସଦସ୍ୟ ବଳଭଦ୍ର ମଲ୍ଲିକ । ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି । ପୁନର୍ବାର ଏହାର ଆଗାମୀ ବୈଠକ ୧୮ ତାରିଖରେ ବସିବା ପାଇଁ ସଂଗଠନ ପକ୍ଷରୁ ଧାର୍ଯ୍ୟ କରାଯାଇଛି ।

# ସମ୍ବଲପୁର ୟୁନିଭର୍ସିଟି ବି.କମ୍ ପରୀକ୍ଷା ଫଳାଫଳରେ ସିଏନ୍ସି ବାଣିଜ୍ୟ ମହାବିଦ୍ୟାଳୟର ସଫଳତା : ଟପ୍ ଟେନ୍‌ରେ ରିୟା ଅଗ୍ରୱାଲ



ବଲାଙ୍ଗିର, (ନିପ୍ର) : ସମ୍ବଲପୁର ୟୁନିଭର୍ସିଟି ବିକମ୍ ପରୀକ୍ଷା ଫଳାଫଳରେ ସିଏନ୍ସି ବାଣିଜ୍ୟ ମହାବିଦ୍ୟାଳୟ ବିଶେଷ ସଫଳତା ପ୍ରଦର୍ଶନ କରିଥିବା ବେଳେ ସିଏନ୍ସି.ର ଛାତ୍ରୀ ରିୟା ଅଗ୍ରୱାଲ୍ ଟପ୍ ଟେନ୍‌ରେ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରୀ ରୀୟା ୮୫% ମାର୍କ (ଇ ଗ୍ରେଡ୍) ହାସଲ୍ କରି ୯ ସିଜିପିଏ. ରଖିଛନ୍ତି । କେବଳ ଏତିକି ନୁହେଁ, ରିୟା ଅଗ୍ରୱାଲ ସିଏମ୍ଏ ଇଣ୍ଟର୍‌ମିଡ଼ିଏଟ୍ ଏକ୍‌ଜାମିନେସନ୍ ମଧ୍ୟ କ୍ଲିଅର୍ କରିଥିବା ବେଳେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି । ରିୟାଙ୍କ ସଫଳତା ଯୋଗୁଁ ସିଏନ୍ସି. କଲେଜର ପରିଚାଳକଙ୍କ ସହ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ମଙ୍ଗଳ କାମନା କରିଛନ୍ତି । ଗତକାଲି ଅପରାହ୍ନରେ ପ୍ରକାଶିତ ଏହି ଫଳାଫଳରେ ଅନ୍ୟ ବର୍ଷ ଗୁଡ଼ିକ ଭଳି ଚଳିତ ବର୍ଷ ମଧ୍ୟ ସିଏନ୍ସି.ର ଛାତ୍ରଛାତ୍ରୀମାନେ ଉଚ୍ଚକୋଟୀର ସଫଳତା ପ୍ରଦର୍ଶନ କରିଛନ୍ତି । ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିବା ସମୁଦାୟ ୨୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କଲେଜର ଶତ ପ୍ରତିଶତ ଉତ୍ତୀର୍ଣ୍ଣ ରେକର୍ଡ ବଳବତ୍ତର ରହିଛି । ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଅନର୍ସ ୱିଥ୍ ଡିଷ୍ଟିନ୍‌କ୍ସନ୍ ରଖି ସଫଳତା ହାସଲ୍ କରିଛନ୍ତି । ୧୨ ଜଣ ୬୦ ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀ ଅନର୍ସ ସ୍ଥାନ ଅଧିକାର କରିଥିବା ବେଳେ ମାତ୍ର ୩ ଜଣ ସେକେଣ୍ଡ୍ କ୍ଲାସ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ, ସିଏନ୍ସି ବାଣିଜ୍ୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବଳିଷ୍ଠ କରି ଗଢ଼ି ତୋଳିବା ନିମନ୍ତେ ସର୍ବଦା ଚେଷ୍ଟାରତ ଥିବା ବେଳେ ପ୍ରତି ବର୍ଷ ଏହି କଲେଜରେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ରେକର୍ଡ଼ ରହିଛି । ସାରା ଓଡ଼ିଶାରେ ଏକ ଜଣାଶୁଣା ସୁନାମଧନ୍ୟ ବାଣିଜ୍ୟ ମହାବିଦ୍ୟାଳୟ ଭାବେ ସିଏନ୍ସି. ସୁନାମ ଅର୍ଜନ କରିପାରିଛି । ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନରେ ନିଷ୍ଠା ଓ ଅଧ୍ୟାପକ ଅଧ୍ୟାପିକାଙ୍କ କଠିନ ପରିଶ୍ରମ ଯୋଗୁଁ ସିଏନ୍ସି ମହାବିଦ୍ୟାଳୟ ନିଜ ଗୌରବକୁ ବଳବତ୍ତର ରଖିପାରିଛି ।

## ଜିଲ୍ଲା ଯୁବ କୁଲୁତା ସମାଜ ପକ୍ଷରୁ ରକ୍ତଦାନ କଲେ ବିଏସ୍ଏଫ୍ ଯବାନ




ବଲାଙ୍ଗିର, (ନିପ୍ର) : ପୁଇଁନ୍ତଲା ବ୍ଲକ କୁନ୍ଦେଇଗଡ ଗ୍ରାମର ଶଙ୍ଖଜିନୀ ବାରିକ (୨୬) ଗତ ୩ ତାରିଖରୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଥିଲେ । ତାଙ୍କ ଶରୀରରେ ରକ୍ତର ପରିମାଣ ୨.୫ ରହିଥିଲା, ଯଦ୍ୱାରା ଶ୍ରୀମତୀ ବାରିକଙ୍କ ବଡ ଭାଇ ସନ୍ତୋଷ ବାରିକ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ରକ୍ତ ପାଇଁ ସହଯୋଗ ମାଗିଥିଲେ । ଖବର ପାଇବା ମାତ୍ରେ ବଲାଙ୍ଗିର ଜିଲ୍ଲା ଯୁବ ସଭାପତି ଅସୀମ ଭୋଇଙ୍କ ନେତୃତ୍ୱରେ ମହୀମୁଣ୍ଡା ଗ୍ରାମର ବିଶ୍ୱନାଥ ବିଶ୍ୱାଳ ରକ୍ତଦାନ କରି ଶଙ୍ଖଜିନୀ ବାରିକଙ୍କ ଜୀବନ ବଂଚାଇଥିଲେ । ପ୍ରକାଶ ଥାଉ କି ଯୁବ ସଦସ୍ୟ ବିଶ୍ୱନାଥ ବିଶ୍ୱାଳ ଜଣେ ବିଏସ୍ଏଫ୍ ଯବାନ୍ ଅଟନ୍ତି । ଶ୍ରୀ ବିଶ୍ୱାଳଙ୍କ ଏଭଳି ମହତ କାମ ପାଇଁ ତାଙ୍କୁ ବାରିକ ପରିବାର ତଥା ତାଙ୍କ ସମ୍ପର୍କୀୟ ପ୍ରଶଂସା କରିଥିଲେ ।

## ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ : ପୀଡିତାଙ୍କୁ ଭେଟିଲା ଜିଲ୍ଲା କଂଗ୍ରେସ କମିଟି



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଘୁନେସ ପଂଚାୟତ ଅନ୍ତର୍ଗତ କାଦୋବେଡା ଗାଁରେ ଗୁରୁବାର ରାତିରେ ଆତ୍ମହତ୍ୟା କରିଥିବା ରିଚେକ୍ ବନ୍‌ଛୋରଙ୍କ ପତ୍ନୀ ପାର୍ବତୀ ବନ୍‌ଛୋର ଓ ତାଙ୍କ ପରିବାରକୁ ଆଜି ବଲାଙ୍ଗିର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦିଲିପ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭେଟି ସମବେଦନା ଜ୍ଞାପନ କରିବା ସହ ପ୍ରାରମ୍ଭିକ ଅନୁସନ୍ଧାନ କରିଥିଲେ । ପ୍ରାଥମିକ ଅନୁସନ୍ଧାନ କରିବା ସହ ମୃତକଙ୍କ ପତ୍ନୀ ପାର୍ବତୀ ବନ୍‌ଛୋରଙ୍କ ଠାରୁ ବୟାନ ରେକର୍ଡଭୁକ୍ତ କରିଥିଲେ । ଶ୍ରୀମତୀ ବନ୍‌ଛୋରଙ୍କ କହିବାନୁଯାୟୀ ତାଙ୍କ ସ୍ୱାମୀ ଜଣେ ଦାଦନ ଶ୍ରମିକ ଏବଂ ଭୂମିହୀନ ଅଟନ୍ତି । ପ୍ରତିବର୍ଷ ୬ମାସ ଦାଦନ ଖଟିବାକୁ ଯାଇ କିଛି ଅର୍ଥ ସଂଚୟ କରି ଅବଶିଷ୍ଟ ୬ ମାସ ନିଜ ଗାଁର ଗାଧୁ ନାଗ ଓ ଧନଞ୍ଜୟ ଭୋଇଙ୍କ ଜମିକୁ ବାର୍ଷିକ ଠିକା ଆକାରରେ ନେଇ ଭାଗ ଚାଷ କରନ୍ତି । ଭାଗ ଚାଷରେ ସାର, ବିହନ, କିଟନାଶକ ଔଷଧ ଏବଂ ମଜୁରି ଦେବା ପାଇଁ ଘୁନେଶ ଗାଁର ଗୁପ୍ତେଶ୍ୱର ସଗରିଆ ଓ ବଡବାଙ୍କି ଗାଁର ରାଜ କିଶୋର ସାହୁଙ୍କଠାରୁ ଟଙ୍କା କରଜ ଆଣି ଧାନ ଓ କପା ଚାଷ କରିଥିଲେ । ଏ ବର୍ଷ ନିଅଣ୍ଟିଆ ବର୍ଷାରେ ଧାନ ଏବଂ ପ୍ରବଳ ଖରାରେ କପା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସେ କିଛି ଦିନ ହେଲା ମାନସିକ ଚାପ ଗ୍ରସ୍ତ ଥିଲେ । ଟଙ୍କା କରଜ ଶୁଝିନପାରିବା ଭୟରେ ଗୁରୁବାର ଦିନ ରାତି ବିଷପାନ କରି ମୃତ୍ୟୁବରଣ କରିଥିବା କଂଗ୍ରେସ କହିଛି । ଏହି ଘଟଣାକୁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବିଧାନସଭାରେ ଉପସ୍ଥାପନ କରିବା ସହ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶରେ କଂଗ୍ରେସ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ଯାଇ ପୀଡିତା ପରିବାରକୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସାହାଯ୍ୟ କରି ତାଙ୍କ ଠାରୁ ସମସ୍ତ ବୟାନ ରେକର୍ଡଭୁକ୍ତ କରିଛି କଂଗ୍ରେସ । ସରକାରଙ୍କ ପକ୍ଷରୁ ଉକ୍ତ ପରିବାରକୁ ଉଚିତ କ୍ଷତିପୁରଣ ଦେବା ସହ ବଲାଙ୍ଗିର ଜିଲ୍ଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରି ତୁରନ୍ତ କୃଷିଋଣ ଛାଡ କରାଯାଇ, ପ୍ରଧାନମନ୍ତ୍ରୀ ଫସଲ ବୀମାରେ ୩୦% ଚାଷୀମାନଙ୍କୁ ଅଗ୍ରୀମ ପ୍ରଦାନ କରାଯାଉ ନଚେତ ରିଚେକ ବନ୍‌ଛୋର ଭଳି ଆଗକୁ ହେବାକୁ ଥିବା ଅନେକ ଚାଷୀ ଆତ୍ମହତ୍ୟା ରୋକାଯାଇ ପାରିବ ନାହିଁ । ତେଣୁ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ଉକ୍ତ ପ୍ରତିନିଧି ମଣ୍ଡଳୀରେ ଶ୍ରୀ ବେହେରାଙ୍କ ସମେତ କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, ଯୁବନେତା ସରୋଜ ରଥ, ଲଳିତ ପଟେଲ, କାର୍ତ୍ତିକ ପୁଟେଲ, ସମିତି ସଭ୍ୟ କୌଶିକ ମେହେର, ହରେକୃଷ୍ଣ ସାଗରିଆ, ସୁଦାମ ବେହେରା, ହେମ ପଣ୍ଡା, ମହେନ୍ଦ୍ର ମହାକୁର, କୈବଲ୍ୟ ଭୋଇ, ଦୁର୍ଯ୍ୟୋଧନ ନାଗ ପ୍ରମୁଖ ସାମିଲ ଥିଲେ ।

ସାପ୍ତାହିକ ସମ୍ବାଦପତ୍ର "କୋଶଳ ପ୍ରବାହ'ରେ
ନୂଆଁଖାଇ ବାର୍ତ୍ତା
ଆପଣ ବି ଦେଇ ପାରିବେ ।
କ୍ୟୁଆର୍ କୋଡ଼ ସ୍କାନ୍ କରି
ଦେୟ ମଧ୍ୟ ପ୍ରଦାନ କରି ପାରିବେ ।



ଦେୟ ପ୍ରଦାନ ପୂର୍ବରୁ ବିଜ୍ଞାପନ ଅଧିକାରୀଙ୍କ ସହ କଥା ହୁଅନ୍ତୁ । ପଶ୍ଚିମ ଓଡ଼ିଶାର ମହାନ୍ ପର୍ବ "ନୂଆଁଖାଇ' ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବାର ସୁଯୋଗ ନିଅନ୍ତୁ ।
ମୋ.ନଂ. ୯୩୩୭୭୫୩୯୧୯, ७७०४९५९०७२

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com
Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com
ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu